

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୮ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 APRIL 2024
Vol.No. 35 ■ No.114 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବଜ୍ରାଘାତରେ ମାଆପୁଅଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା, ୨୭/୪ (ନି.ପ୍ର): ବଜ୍ରାଘାତରେ ମାଆପୁଅଙ୍କ ମୃତ୍ୟୁ। ଆଜି ଅପରାହ୍ନରେ ଏପରି ହୃଦୟବିଦାରକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଜହ୍ନିମୂଳ ଗାଁରେ ଘଟିଛି। ବିଲରେ ମୁଗ ଉପାଡୁ ଥିବାବେଳେ ବଜ୍ରାଘାତରେ ମାଆ ଓ ପୁଅଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଆଜି ଦିନସାରା ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ଗରମ ସତ୍ତ୍ୱେ ଚାଷ ଜମିକୁ ମୁଗ ଉପାଡ଼ିବାକୁ ଯାଇଥିଲେ ଡେରାବିଶ ବ୍ଲକ ଜହ୍ନିମୂଳ ଗାଁର ଶଶିରେଖା ବାରିକ ଓ ତାଙ୍କ ପୁଅ ରବୀନ୍ଦ୍ର। ମୁଗ ଉପାଡୁଥିବା ବେଳେ ଅପରାହ୍ନ ପ୍ରାୟ ୫ଟାରେ ହଠାତ ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ତା'ପରେ ବର୍ଷିବା ସହିତ ପ୍ରବଳ ଘଡ଼ଘଡ଼ି ମାରିଥିଲା। ଆଉ ସେହି ବଜ୍ରପାତରେ ମାଆ ଓ ପୁଅଙ୍କ ମୃତ୍ୟୁ ଘଟିଥିଲା।

# ଆଜି ହାଇଭୋଲଟେଜ ପ୍ରଚାର: ମଇଦାନକୁ ଓହ୍ଲାଇବେ ନଡ୍ଡା ଓ ରାହୁଲ



ଭୁବନେଶ୍ୱର, ୨୭/୦୪ (ନି.ପ୍ର): ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ତାରିଖ ପାଖେଇ ଆସୁଥିବେଳେ କ୍ୟାମ୍ପେନ୍‌ରେ କମ୍ପୁଛି ମଇଦାନ। ପ୍ରଚାର ପାଇଁ ମଇଦାନକୁ ଓହ୍ଲାଉଛନ୍ତି କଂଗ୍ରେସ, ବିଜେପି ଓ ବିଜେଡି ଦଳର ଷ୍ଟାର ପ୍ରଚାରକ। ହେଲେ କାଲି ହେବ ହାଇଭୋଲଟେଜ ପ୍ରଚାର। କାଲି ରାଜ୍ୟରେ ଦୁଇ ହେଭିୱେଟ କରିବେ କ୍ୟାଂପେନ। ଆସନ୍ତାକାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ନିର୍ବାଚନୀ ପ୍ରଚାର ପାଇଁ ଆସୁଥିବା ବେଳେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ମଧ୍ୟ ରାଜ୍ୟରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଆସନ୍ତାକାଲି ଭୁବନେଶ୍ୱର ବିମାନ ବନ୍ଦରରେ ଅପରାହ୍ଣ ୪ଟା ୩୦ରେ ପହଞ୍ଚିବେ। ବିମାନବନ୍ଦରରୁ ସିଧା ସଳଖ ସ୍ୱତନ୍ତ୍ର ବିମାନରେ ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ଯିବେ। ସାଢେ ୫ଟାରେ ଆମ୍ବପୁଆ ଠାରେ ସାଧାରଣ ସଭାରେ ଯୋଗ ଦେବେ ନଡ୍ଡା। ପରେ ସଂଧ୍ୟା ୬ଟା ୪୫ରେ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେବେ। ଏହି ବୈଠକରେ ବ୍ରହ୍ମପୁର, ଆସ୍କା, ନବରଙ୍ଗପୁର ଓ କୋରାପୁଟର କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେବେ। ତେବେ ନଡ୍ଡା ବ୍ରହ୍ମପୁରରେ ରାତ୍ରି ରହଣୀ କରି ପର ଦିନ ସକାଳେ ଦିଲ୍ଲୀ ଫେରିବା କାର୍ଯ୍ୟକ୍ରମ ରହିଛି। ସେହିପରି ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ସେ ଦିନ ୧୧ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ଏହାପରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଟକର ସତ୍ୟଭାମାପୁର ଯିବେ। ସେଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ସତ୍ୟଭାମାପୁରରୁ ହେଲିକପ୍ଟର ଯୋଗେ ସାଲେପୁର ଯିବେ। ଦିନ ୧୨ଟା ୨୫ରୁ ୧ଟା ୪୫ ଯାଏଁ ସାଲେପୁରରେ ସାଧାରଣ ସଭାରେ ଯୋଗଦେବେ। ଏହାପରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି। ତେବେ ଗୋଟିଏ ଦିନରେ ବିଜେପି ପକ୍ଷରୁ ଜେପି ନଡ୍ଡା ଓ କଂଗ୍ରେସରୁ ରାହୁଲ ଗାନ୍ଧି ପ୍ରଚାର ମଇଦାନକୁ ଓହ୍ଲାଇଥିବାରୁ ରାଜ୍ୟ ରାଜନୀତି ସରଗରମ ହେବାର ଲାଗିଛି। ଦୁଇ ଦଳର ଏହି ହେଭିୱେଟ ନେତା ନିଜର ଦଳୀୟ କର୍ମୀଙ୍କୁ କ'ଣ ବିଜୟମନ୍ତ୍ର ଦେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଦୁଇ ଦିନ ତଳେ ଗୃହମନ୍ତ୍ରୀ ଅମିତ ଶାହ ଓଡ଼ିଶା ଆସି ନିର୍ବାଚନୀ ବିଗୁଲ୍ ଫୁଙ୍କିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। କାଲି ଜେପି ନଡ୍ଡା

▶▶ପୃଷ୍ଠା ୭

## ନିର୍ବାଚନ ଲଢ଼ିବେ ମୋକିମଙ୍କ ଝିଅ ସୋଫିଆ ଫିର୍ଦ୍ଦୌସ୍



କଟକ, ୨୭/୪ (ନି.ପ୍ର): କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ଝିଅଙ୍କ ସୋଫିଆ ଫିର୍ଦ୍ଦୌସ୍ ରାଜନୀତି ଓହ୍ଲାଇବେ। ବିଧାୟକ ପ୍ରାର୍ଥୀ କରିବା ପାଇଁ ଆଜି ତାଙ୍କ ନାଁ ସୁପାରିସ୍ କରିଛି ପ୍ରଦେଶ କଂଗ୍ରେସ। ଏନେଇ ଏଆଇସିସିକୁ ପ୍ରସ୍ତାବ ଦିଆଯାଇଛି। ତାହା ଉପରେ ଇଓଉଉ ବିଧିବଦ୍ଧ ନିଷ୍ପତ୍ତି ନେବ ବୋଲି ସୂଚନା ଦେଇଛନ୍ତି କଂଗ୍ରେସ ପ୍ରଭାରୀ ଅଜୟ କୁମାର। କଟକ-ବାରବାଟୀ ବିଧାୟକ ହେଉଛନ୍ତି ମହମ୍ମଦ ମୋକିମ। ଏକଦା ବିଜେପି ଓ ବିଜେଡି ଗଡ଼ ଭାବେ ପରିଚିତ ଥିବା ଏହି ନିର୍ବାଚନମଣ୍ଡଳୀରେ ୨୦୧୯ ନିର୍ବାଚନରେ ମହମ୍ମଦ ମୋକିମ୍ କଂଗ୍ରେସରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ସେ ଓଆରଏଚଡିସି ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡ଼ିଥିବାରୁ ୨୦୨୪ ନିର୍ବାଚନରେ ପ୍ରାର୍ଥୀ ହେବା ନେଇ ଆଶଙ୍କା ଦେଖାଦେଇଥିଲା। ଯେଉଁଥିପାଇଁ ତାଙ୍କ ସ୍ଥାନରେ ଝିଅ ସୋଫିଆ ଫିର୍ଦ୍ଦୌସ୍ ନିର୍ବାଚନ ଲଢ଼ନ୍ତୁ ନିର୍ବାଚନ ଲଢ଼ି ପାରନ୍ତି। ସେଥିପାଇଁ ଦୁଇ ଦିନ ତଳେ ମହମ୍ମଦ ମୋକିମଙ୍କ ଘରେ ସମର୍ଥକମାନେ ମେଳି କରିଥିଲେ। ଆଉ ସୋଫିଆଙ୍କୁ

▶▶ପୃଷ୍ଠା ୭

## ବିଜେଡ଼ିର ୩ ଓ ବିଜେପିର ୮ ବିଧାୟକ ପ୍ରାର୍ଥୀଙ୍କ ନାଁ ଘୋଷଣା

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ଆଉ ୩ ପ୍ରାର୍ଥୀ ଘୋଷଣା କରିଛି ବିଜେଡି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛନ୍ତି। ଭୋଗରାଇରୁ ଗୌତମବୁଦ୍ଧ ଦାସ, ବେଗୁନିଆରୁ ପ୍ରଦୀପ ସାହୁ ଓ ଖୋର୍ଦ୍ଧାରୁ ରାଜେନ୍ଦ୍ର ସାହୁ ପ୍ରାର୍ଥୀ ହୋଇଛନ୍ତି। ଆଜି ସୁଦ୍ଧା ବିଜେଡି ୧୪୪ ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି। ଏବେବି ୩ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ଘୋଷଣା ହୋଇନଥିବା ନିର୍ବାଚନମଣ୍ଡଳୀ ଗୁଡ଼ିକ ହେଲା ଖଣ୍ଡପଡ଼ା, ନୀଳଗିରି ଓ କୋରେଇ। ଏହି ସବୁ ନିର୍ବାଚନମଣ୍ଡଳୀରେ ଏକାଧିକ ଆଶାୟୀ ଥିବାରୁ ବିଜେଡି ସୁପ୍ରିମୋ ପ୍ରାର୍ଥୀ ଘୋଷଣା କରିପାରିନଥିବା ଚର୍ଚ୍ଚା ହେଉଛି। ସେପଟେ ନରାଶ ହୋଇଛନ୍ତି ଭୋଗରାଇ ବିଧାୟକ ଅନନ୍ତ ଦାସ ଓ ଖୋର୍ଦ୍ଧା

▶▶ପୃଷ୍ଠା ୭

## ଜଳିଗଲା ୩୬ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍

ନୂଆଦିଲ୍ଲୀ, ୨୬/୪ : ଚାହୁଁ ଚାହୁଁ ଜଳି ଗଲା ଯାତ୍ରୀବାହୀ ବସ୍। ବସ୍‌ରେ ଥିଲେ ୩୬ ଯାତ୍ରୀ। ଏହି ପୂରା ଘଟଣା ଏକ ଭୟଙ୍କର ଦୃଶ୍ୟ ସାମ୍ନାକୁ ଆସିଛି। ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମୁମ୍ବାଇ-ପୁଣେ ଏକ୍ସପ୍ରେସ୍ ଜାତୀୟ ରଜପଥରେ ଏକ ଘରୋଇ ବସ୍‌ରେ ଆଜି ସକାଳୁ ହଠାତ୍ ଅଗ୍ନିକାଣ୍ଡ ଘଟିଛି। ଏହି ବସ୍‌ଟି ମୁମ୍ବାଇରୁ ପୁଣେ ଯାଉଥିଲା। ତେବେ ହଠାତ୍ ବଡଗାଓଁ ପୁଲିସ ଥାନା ନିକଟରେ ଥିବା ଆଡେ ଗାଁରେ ପହଞ୍ଚିବା ପରେ ବସ୍‌ର ଟାୟର ଫାଟି ଯାଇଥିଲା। ପରେ ବସ୍‌ରେ ସଟ୍ ସର୍କିଟ୍ ହୋଇ ଏଥିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ବସ୍‌ରେ ଥିବା ସମସ୍ତ ଯାତ୍ରୀ ତଳକୁ ଓହ୍ଲାଇ ଆସିଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି। ବସ୍‌ରେ ନିଆଁ ଲାଗିଥିବା ସୂଚନା ପାଇବା ମାତ୍ରେ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବା

▶▶ପୃଷ୍ଠା ୭

## ତାତିରେ ରେକର୍ଡ କଲା ଅନୁଗୋଳ: ଦ୍ୱିତୀୟରେ ରାଜଧାନୀ ଭୁବନେଶ୍ୱର

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ତାତିରେ ରେକର୍ଡ କଲା ଶିଳ୍ପ ନଗରୀ ଅନୁଗୋଳ। ତା' ତଳକୁ ଅଛି ରାଜଧାନୀ ଭୁବନେଶ୍ୱର। ଆଜି ଅନୁଗୋଳରେ ସର୍ବାଧିକ ତାପମାତ୍ରା ୪୪.୭ ଡ଼ିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୪୪.୬ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଏଥିସହ ୩୩ ସହରରେ ତାପମାତ୍ରା ୪୦ଡ଼ିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ



ବାରିପଦାରେ ୪୪.୨ ଡିଗ୍ରୀ, ବୌଦ୍ଧରେ ୪୩.୭ ଡିଗ୍ରୀ, ଢେଙ୍କାନାଳରେ ୪୩.୭ ଡିଗ୍ରୀ, ଭବାନୀପାଟଣାରେ ୪୩.୭ ଡିଗ୍ରୀ, ନୂଆପଡ଼ାରେ ୪୩.୬ ଡିଗ୍ରୀ, ଝାରସୁଗୁଡ଼ାରେ ୪୩.୬ ଡିଗ୍ରୀ,

▶▶ପୃଷ୍ଠା ୭

## ବାଇକ୍‌କୁ ପିଟିଲା ଟ୍ରକ୍: ଚାଲିଗଲା ୩ ଜୀବନ

ଅନୁଗୁଳ, ୨୭/୪ (ନି.ପ୍ର): ଅନୁଗୁଳ ଜିଲ୍ଲା ଏନ୍‌ଏଚ୍ ୫୫ ପଞ୍ଚମହଲା ନିକଟରେ ଆଜି ସକାଳୁ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ମୃତକମାନେ ଅନୁଗୁଳ ଜିଲ୍ଲାର ଡେରଜାଙ୍ଗ ଗାଁର ବୋଲି ଜଣାଯାଇଛି। ସେମାନେ ହେଲେ ୪୮ ବର୍ଷୀୟ କୃପା ଦେହୁରୀ, ୨୧ ବର୍ଷୀୟ ରାଜେନ୍ଦ୍ର ପ୍ରଧାନ ଓ ୧୭ ବର୍ଷୀୟ ସୁବ୍ରତ ପ୍ରଧାନ । ଡେରଜାଙ୍ଗ ଗାଁର ଏହି ୩ ଜଣ ଆଜି ସକାଳେ ବାଇକରେ ନିଜ ଗାଁରୁ ଅନୁଗୁଳ ଅଭିମୁଖେ ଆସୁଥିଲେ। ପଞ୍ଚମହଲା ନିକଟରେ ପଛ ପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରକ୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୩ ଯୁବକ ଛିଟିକି ପଡ଼ିଥିବା ବେଳେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଗାଡ଼ି ଚଳାଚଳ ବନ୍ଦ ରହିଛି। ପୁଲିସ୍ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରୁଥିବା ବେଳେ ତାହା ସଫଳ ହୋଇ ପାରିନି। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାଯାଇଛି।

## ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ରରେ ତ୍ରୁଟି ଅଭିଯୋଗ ଆଣିଲେ କଂଗ୍ରେସ ପ୍ରାର୍ଥୀ



ରାୟଗଡ଼ା, ୨୭/୪ (ନି.ପ୍ର): ରାୟଗଡ଼ା ଜିଲ୍ଲା ବିଷମକଟକର ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କ ନାମାଙ୍କନ ପତ୍ରରେ ତ୍ରୁଟି ରହିଥିବା ଅଭିଯୋଗ ଆଣିଛି କଂଗ୍ରେସ। ବିଷମକଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ନୀଳମାଧବ ହିକକା ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନରେ ତ୍ରୁଟି ଥିବା ପରି ସାଂଘାତିକ ଅଭିଯୋଗ ହୋଇଛି । ରାୟଗଡ଼ା ଜିଲ୍ଲା ବିଷମକଟକର ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କ ନାମାଙ୍କନ ପତ୍ରରେ ତ୍ରୁଟି ରହିଥିବା ଅଭିଯୋଗ ଆଣିଛି କଂଗ୍ରେସ। ବିଷମକଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ନୀଳମାଧବ ହିକକା ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଜଗନ୍ନାଥ ସାରକା ଗତ ୫ ବର୍ଷର ଆୟକର ରିଟର୍ଣ୍ଣ ଦର୍ଶାଇବା ବଦଳରେ କେବଳ ୨୦୨୩-୨୪ ଆର୍ଥିକ ବର୍ଷର ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣ ଦର୍ଶାଇଥିବା ନୀଳମାଧବ ହିକକା କହିଛନ୍ତି। ଅନଲାଇନ୍‌ରୁ ଏ ସମ୍ପର୍କୀତ ତଥ୍ୟ ପାଇଲୁ। ଏହାପରେ ତାଙ୍କ ପ୍ରାର୍ଥୀପତ୍ର ନାକଚ କରିବାକୁ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଥିଲୁ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଜଗନ୍ନାଥ ସାରକାଙ୍କ ପ୍ରାର୍ଥିପତ୍ର କାଏମ ରଖାଯାଇଛି ବୋଲି ଅଭିଯୋଗ କରିଛନ୍ତି ନୀଳମାଧବ ହିକକା । ଏହାକୁ ନେଇ ସେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ର ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିବା ସହ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି ନୀଳମାଧବ ହିକକା । ତେବେ ଏନେଇ ଜଗନ୍ନାଥ ସାରକାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପୁରୀରେ ବ୍ୟାପିଲା ଝାଡ଼ାବାନ୍ତି: ଗଲାଣି ୨ ଜୀବନ

ପୁରୀ, ୨୭/୪ (ନି.ପ୍ର): ପୁରୀ ସହରରେ ବ୍ୟାପିଛି ଝାଡ଼ାବାନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ ଅଞ୍ଚଳରେ ଅଣାୟତ୍ତ ହେଲାଣି ଝାଡ଼ାବାନ୍ତି । ଏଯାବତ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପୁରୀରେ ୨ ଜଣ ଆଖି ବୁଜି ସାରିଥିବା ବେଳେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଜଣ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ପୁରୀର ବାଲି ସାହି, ରେଡକ୍ରସ୍ ରୋଡ୍ ସହ ବିଭିନ୍ନ ଅଞ୍ଚଳରେ ଏକାଧିକ ଆକ୍ରାନ୍ତ ହୋଇଥିବା ନେଇ ସୂଚନା ମିଳିଛି । ମୃତକଦ୍ୱୟ ହେଲେ ଦାମୋଦର ପଣ୍ଡା,ପୂର୍ଣ୍ଣବାସୀ ମଠର ମାତା ମା' । ଏଥିସହ ଘରେ ଘରେ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ କିଛି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ଆଉ କିଛି ଗୁରୁତର ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଅଣ୍ଡର ଗ୍ରାଉଣ୍ଡ ପାଇପ୍ ଫାଟି ପାଣି ଟ୍ୟାପ୍‌ରେ ମିଶୁଥିବାରୁ ଏପରି ସ୍ଥିତି ଉପୁଜୁଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ୩ ଦିନ ହେଲାଣି ଅଭିଯୋଗ ହେବା ପରେ ଅଧିକାରୀ ଆଜି ଆସିଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଉପସ୍ଥିତ ଥିବା ଜଣେ ଅଧିକାରୀ କହିଛନ୍ତି, ମାତ୍ର ୨,୩ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆମେ ଟାଙ୍କି ସଫା କରିବା ସହ ପାଣିରେ କ୍ଲୋରିନ ମିଶାଉଛୁ।

▶▶ପୃଷ୍ଠା ୭

## କଂଗ୍ରେସ ସାମ୍ନାରେ ନୂଆ ସମସ୍ୟା : ପ୍ରଚାର କମିଟିରୁ ଅରିଫ ନସିମ ଖାନଙ୍କ ଇସ୍ତଫା



ନୂଆଦିଲ୍ଲୀ, ୨୭/୪ (ନି.ପ୍ର): କଂଗ୍ରେସ ମୁସଲିମ ତୃଷ୍ଟିକରଣ ରାଜନୀତି କରୁଥିବା ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ବିଜେପି ନେତାମାନେ ଅଭିଯୋଗ କରୁଥିବା ବେଳେ ଏକ ବଡ଼ ଖବର ସାମ୍ନାକୁ ଆସିଛି । କଂଗ୍ରେସ ମୁସଲିମ ପ୍ରାର୍ଥୀ ଦେଉନଥିବା ଅଭିଯୋଗ ଆଣି ଷ୍ଟାର ପ୍ରଚାରକ ତାଲିକାରୁ ଇସ୍ତଫା ଦେଇଛନ୍ତି ମହାରାଷ୍ଟ୍ରର ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ଅରିଫ ନସିମ ଖାନ । 'କଂଗ୍ରେସକୁ ମୁସଲିମ ଭୋଟ ଦରକାର, କିନ୍ତୁ ମୁସଲିମ ପ୍ରାର୍ଥୀ ନୁହେଁ' ଦଳର ସଭାପ ତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଚିଠି ଲେଖିଛନ୍ତି ନସିମ ଖାନ । ମହାରାଷ୍ଟ୍ରରେ ମହା ବିକାଶ ଅଘାଡି(ଏମଭିଏ) ମେଂଟ ୪୮ ଲୋକସଭା ଆସନରୁ ଜଣେ ବି ମୁସଲିମ ପ୍ରାର୍ଥୀ ଦେଇନାହିଁ । ଯାହା ସଂଖ୍ୟାଲଘୁଙ୍କ ପ୍ରତି ଅନ୍ୟାୟ ବୋଲି କହିଛନ୍ତି ନସିମ । ନସିମ ଖାନଙ୍କ ବୟାନ ପରେ ସର୍ବଦା ସଂଖ୍ୟାଲଘୁଙ୍କୁ ପ୍ରାର୍ଥୀ ତାଲିକାରେ ଗୁରୁତ୍ୱ ଦେଉଥିବା କଂଗ୍ରେସ କାହିଁକି ସୁମଲିମ ପ୍ରାର୍ଥୀ ଦେଉନି ତାକୁ ନେଇ ପ୍ରଶ୍ନ ଉଠିଛି ।

▶▶ପୃଷ୍ଠା ୭

## ପ୍ରଥମଥର ପାଇଁ ରୋଡ୍ ଶୋ' କଲେ କେଜ୍ରିୱାଲଙ୍କ ପତ୍ନୀ



ନୂଆଦିଲ୍ଲୀ, ୨୬/୪ : ଅବକାରୀ ନୀତି ଦୁର୍ନୀତି ମାମଲାରେ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନୀତା ଆଜି ପ୍ରଥମଥର ପାଇଁ କୌଣସି ନିର୍ବାଚନ ପାଇଁ ପ୍ରଚାର କରିଛନ୍ତି। ସେ ଆଜି ପୂର୍ବ ଦିଲ୍ଲୀରେ ବିଶାଳ ରୋଡ୍ ଶୋ' କରି ଆପ୍ ପାଇଁ ଭୋଟ ମାଗିଛନ୍ତି। ଏହି ରୋଡ ଶୋ' ସମୟରେ ସେ ପୂର୍ବ ଦିଲ୍ଲୀର କୋଣ୍ଡଲିରେ ଦଳୀୟ କର୍ମୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଗୋଟିଏ ଗାଡ଼ି ଉପରେ ଛିଡ଼ା ହୋଇ ସେ କୋଣ୍ଡଲି ଅଞ୍ଚଳରେ ଭୋଟରଙ୍କୁ ହାତ ଯୋଡ଼ି ଭୋଟ ମାଗିଛନ୍ତି। କେଜ୍ରିୱାଲ ଜେଲରେ ଥିବାରୁ ଆପ୍ ତାଙ୍କ ପତ୍ନୀଙ୍କୁ ପ୍ରଚାର ମୈଦାନକୁ ଓହ୍ଲାଇଛି। ଏହିକ୍ରମରେ ଆଜି ସେ ରୋଡ ଶୋ' କରିବା ସହ ଆପ୍‌ର ପ୍ରଚାର କରିଛନ୍ତି। ସେ କହିଛନ୍ତି, "ଆପଣଙ୍କ ମୁଖ୍ୟମନ୍ତ୍ରୀ ଓ ମୋ ସ୍ୱାମୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗୋଟିଏ ମାସ ହେଲା ଜେଲରେ ରଖାଯାଇଛି। କୌଣସି କୋର୍ଟ ତାଙ୍କୁ ଦୋଷୀ କହି ନାହାନ୍ତି ଓ ତଦନ୍ତ ଚାଲିଛି। ଯଦି ତଦନ୍ତ ୧୦ ବର୍ଷ ଧରି ଚାଲିବ, ତା'ହେଲେ ସେ ୧୦ ବର୍ଷ ଯାଏ ଜେଲରେ ରହିବେ ପୂର୍ବରୁ କେବଳ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ଜେଲ ଦଣ୍ଡ ମିଳୁଥିଲା। କିନ୍ତୁ ସେମାନେ(ବିଜେପି ଓ କେନ୍ଦ୍ର ସରକାର) ନୂଆ ବ୍ୟବସ୍ଥା ଆଣିଛନ୍ତି। ତଦନ୍ତ ଚାଲିବା ସମୟରେ ମଧ

▶▶ପୃଷ୍ଠା ୭

# ମୋଟର ସାଇକେଲ ଚୋରି ରାକେଟକୁ କାବୁ କଲା ସାରଙ୍ଗଗଡ ପୋଲିସ : ୬ ମୋଟର ସାଇକେଲ ଉଦ୍ଧାର, ୬ ଗିରଫ

କନ୍ଧମାଳ, ୨୬/୪ (ନି.ପ୍ର): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଅଧିନରେ ଥିବା ସାରଙ୍ଗଗଡ଼ ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଗତ ୨୧/୪/୨୪ ରେ ଗୁଞ୍ଜି ବାଡି ଠାରେ ହୋଇ ଥିବା ଏକ ମଟର ସାଇକେଲ ଚୋରି ଘଟଣାର ଅନୁସନ୍ଧାନ କରିବା ପରେ ଏକ ରାକେଟ ଠାବ ହୋଇଛି। ପୋଲିସ ତଦନ୍ତ ବେଳେ ଗୁଞ୍ଜି ବାଡିର କରମେନ୍ଦ୍ର ଦିଗାଲର ପୁଅ ମୁକେଶ ଦିଗାଲକୁ (୨୦) ଗିରଫ କରି ପଚରା ଉଚୁରା ପରେ ସିମନ ବାଡିର ପେରିତ ଦିଗାଲର ପୁଅ ଚିକୁନା ଦିଗାଲ ଓରଫ ଆବ୍ରାହ୍ମ (୧୯), ବିଶ୍ୱାମିତ୍ର ପ୍ରଧାନର ପୁଅ ଅଲେଖ ପ୍ରଧାନ ଓରଫ ଆଲେଶ (୧୯), ଓଡ଼ଗାଁ ଥାନାର ପାଣ୍ଡବ ବେହେରାର ପୁଅ ସୁରେନ୍ଦ୍ର ବେହେରା (୩୦),ବାଲିଗୁଡା ଥାନା ତଗାକିଆ ଉଦେଶନା ଗୌଡର ପୁଅ ଗୌର ଗୌଡ(୨୦) ଓ ନୂଆସାହିର ଦେବରାଜ ବାଗର ପୁଅ ସୁଧାଂଶୁ ବାଗ(୨୪) ଛଅ ଜଣକୁ ଗିରଫ କରିଛି। ସେମାନଙ୍କ ଠାରୁ ଓଡି ୧୮ବି ୬୯୧୧, ଓଡି ୩୩ଜି ୯୦୯୧, ଓଡି ୩୨ବି ୪୦୩୪, ଓଡି ୧୨ଡି ୨୮୮୬, ଓଡି ୦୫ ବିଏ ୦୯୭୪ ଓ ଓଡି ୧୨ଏ ୨୧୭୬ ହିରୋହୁଣ୍ଡା ସ୍ପେଣ୍ଡର, ହୁଣ୍ଡା, ଡିଲକ୍ସ ଓ ଆପାଚି ଭଳି ୬ଟି ମୋଟର ସାଇକେଲ ଜବତ କରିଛି। ଏନେଇ ଆଜି ସାରଙ୍ଗଗଡ଼ ଥାନାରେ ଜି.ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏହି ରାକେଟ ଠାବ ହୋଇ ଥିବାର ବିସ୍ତୃତ ବିବରଣୀ ଦେଇଥିଲେ। ସାରଙ୍ଗଗଡ଼ ଥାନା ଅଧିକାରୀ ବଧୁଲିକା ବିଶ୍ୱାଳ ଥାନା କେସ ନଂ ୪୪/୨୪ ଧାରା ୩୭୯, ୩୪ ରେ ମାମଲା ରୁଜୁ କରି ଏସଆଇ କୃଷ୍ଣ ଚନ୍ଦ୍ର ବେହେରା ଅଧିକ ତଦନ୍ତ କରୁଥିବା ପ୍ରକାଶ କରିଛନ୍ତି।

# ବିଜ୍ଞପ୍ତି ପ୍ରକାଶ ଆରମ୍ଭ ଦିନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଟିମ୍ ବଲାଙ୍ଗୀର ଗସ୍ତରେ

ବଲାଙ୍ଗୀର, ୨୬/୪ (ନି.ପ୍ର): ବିଜ୍ଞପ୍ତି ପ୍ରକାଶ ଆରମ୍ଭ ଦିନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଟିମ୍ ଆଜି ବଲାଙ୍ଗୀର ଗ୍ରସ୍ତରେ ଆସିଛନ୍ତି। ବାଅକର ସ୍ୱନୀଲ ଶରଦ(ବଲାଙ୍ଗୀର ଲୋକସଭା), ପ୍ରମୋଦ ପି ଶହକର(ଲୋଇଶିଙ୍ଘା ବିଧାନସଭା, ପାଟଣାଗଡ଼ ବିଧାନସଭା, ବଲାଙ୍ଗୀର ଲୋକସଭା), ଆଦର୍ଶ ଅଗ୍ରୱାଲ(ବଲାଙ୍ଗୀର ଲୋକସଭା ଓ ବିଧାନସଭା), ଟିଟିଲାଗଡ଼ ବିଧାନସଭା , କାନ୍ତବାଞ୍ଜି ବିଧାନସଭା)ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଗୌରବ୍ଧ ଶିଓ୍ୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରୀ ଡ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ତଥା ଲୋଇଶିଙ୍ଘା ବିଧାନସଭା ରିଟର୍ନିଙ୍ଗ ଅଧିକାରୀ ଡ ବିଜୟାନନ୍ଦ ସେଠୀ, ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପର୍ଯବେକ୍ଷକ ଟିମ ନିର୍ବାଚନର ବିଭିନ୍ନ ନୋଡାଲ ଅଫିସର , ବିଭିନ୍ନ ଫ୍ଲାଇଂଙ୍ଗ ସ୍କୁଆର୍ଡ, ସି ଭିଜିଲ, ପୋଲିସ, ଅବକାରୀ, ଇନକମ ଟାକ୍ସ, ଜିଏସଟି, ଅତିରିକ୍ତ ଖର୍ଚ ପର୍ଯବେକ୍ଷକ ଗଣମାଧମ ନିରୀକ୍ଷଣ, ପେଡ ନ୍ୟୁଜ ବାବଦରେ ସମୀକ୍ଷା କରିଥିଲେ। ପାର୍ଥୀଙ୍କ ଖର୍ଚ ହିସାବ କଡାକଡ଼ି କରିବା ସହ ନିର୍ବାଚନ ଶୂନ୍ୟ ପକ୍ଷପାତରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନକୁ ଭାର ନ ଭାବି ଏହି ପ୍ରକ୍ରିୟା କୁ ଉପୋଭୋଗ କରିବାକୁ କହିଥିଲେ। ସେହିପରି ବିଭିନ୍ନ ସ୍ଥାନରେ ବାରୀକେଡ଼ିଂ କରି ଅବକାରୀ, ଟଙ୍କାର ବ୍ୟବହାର ଯେପରି ହେଇନପାରିବ ଏବଂ ଅବାଧ ସ୍ୱଛ ନିର୍ବାଚନ ରେ ଯେପରି କୌଣସି ବାଧକ ନ ଆସିବା ସେଥିପାଇଁ ପୋଲିସ ଏବଂ ଅବକାରୀ ମିଳିତ କାମ କରିବାକୁ କହିଥିଲେ। ଶେଷରେ ସେମାନେ ବିଭିନ୍ନ କନଟ୍ରୋଲ ରୁମ କାଜ୍ୟକାରିତା ପରଖି ଥିଲେ।

# ପୋଷ୍ଟାଲ୍ ବାଲଟ୍ ମତଦାନ ଉପରେ ଦିନିକିଆ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୨୬/୪ (ନି.ପ୍ର): ନିର୍ବାଚନ ସମୟରେ ପୋଷ୍ଟାଲ୍ ବାଲଟ୍ ମତଦାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ମହତ୍ୱପୂର୍ଣ୍ଣ ଅଂଶକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଏକ ଦିନିକିଆ ପ୍ରଶିକ୍ଷଣ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତିକରଣ ଓ ସମସ୍ତଙ୍କ ପାଇଁ ଉପଲବ୍ଧତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଭାରତର ନିର୍ବାଚନ ଆୟୋଗଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ପୋଷ୍ଟାଲ୍ ବାଲଟ୍। ସୂଚନାଯୋଗ୍ୟ, ସମସ୍ତ ସରକାରୀ କର୍ମଚାରୀ, ପୋଲିସ୍ ସେବା, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା ଆଦି ଜରୁରୀକାଳିନ ସେବାରେ ଥିବା ବ୍ୟକ୍ତି, ଡ୍ରାଇଭର, କଣ୍ଡକ୍ଟର, ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ପ୍ରାଧିକୃତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ନିଜ ନିର୍ବାଚନ ମଣ୍ଡଳୀ ଠାରୁ ଦୂରରେ ଥିବା ଗଣମାଧମ ପ୍ରତିନିଧି, ୮୫ ବର୍ଷ ବୟସରୁ ଅଧିକ ବୟସ୍କ ବ୍ୟକ୍ତି, ୪୦% ରୁ ଅଧିକ ଦିବ୍ୟାଙ୍ଗ ଜନ ଏହି ସୁବିଧା ପାଇପାରିବେ। ପୋଷ୍ଟାଲ ବାଲଟ୍ ପାଇଁ ଯୋଗ୍ୟ ବ୍ୟକ୍ତି ଫର୍ମ ୧୨/ ଫର୍ମ ୧୨-ଘ ଦ୍ୱାରା ଏହି ପୋଷ୍ଟାଲ ବାଲଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଇପାରିବେ। ଅତ୍ୟାବଶ୍ୟକୀୟ ସେବାରେ ଥିବା କର୍ମଚାରୀମାନେ ହୋମ୍ ଭୋଟିଂ ଦ୍ୱାରା ମତଦାନ କରିପାରିବେ। ମତଦାତାଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନବାନ ହୋଇ ନିର୍ବାଚନର ଏହି ମହାପର୍ବରେ ସମସ୍ତେ ଦାୟିତ୍ୱର ସହ କର୍ତବ୍ୟ ସମ୍ପାଦନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟରେ ନିୟୋଜିତ ବୁଥ୍ ଲେବୁଲ୍ ଅଫିସର୍ମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରି ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଫର୍ମ ଦାଖଲ କରିବାକୁ କୁହାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମସ୍ତ ଆସିଷ୍ଟାଂଟ୍ ରିଟର୍ଣ୍ଣିଂ ଅଫିସର, ତହସିଲଦାର, ବିଡିଓ, ଡେପୁଟି କଲେକ୍ଟର, ଆସିଷ୍ଟାଂଟ୍ କଲେକ୍ଟର, ପୋଷ୍ଟାଲ ବାଲଟ୍ର ନୋଡାଲ ଅଫିସରମାନେ ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

# ଡାକ୍ତରଙ୍କ ଅଭିନବ ଶୋଷଣ ଅଭିଯୋଗ

ଗଞ୍ଜାମ, ୨୬/୪ (ନି.ପ୍ର): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲର ଜଳାତଙ୍କ ବିଭାଗରେ ଅଭିନବ ଉପାୟରେ ଡାକ୍ତର ଶୋଷଣ କରୁଥିବା ଅଭିଯୋଗ ହେଉଛି। କୁକୁର କାମୁଡ଼ାରେ ଆହତ ବ୍ୟକ୍ତି ଜଳାତଙ୍କ ଇଞ୍ଜେକସନ ନେବାକୁ ହସ୍ପିଟାଲ ଗଲେ ଡାକ୍ତର ସଂପୃକ୍ତ ବ୍ୟକ୍ତିଙ୍କୁ ଇଞ୍ଜେକସନ ଟିଏ ଦ୍ୱୋପରେ ଛୋଟିଆ ସ୍ଲିପରେ ଆବଶ୍ୟକ ନଥିବା ପାଂଚ-ଛଅଶହ ଟଙ୍କାର ଔଷଧ ଲେଖି ହସ୍ପିଟାଲ ନିକଟରେ ଥିା ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ କିଣିବାକୁ ବାଧ କରୁଛନ୍ତି। ଏହି ସ୍ଲିପରେ ସଂପୃକ୍ତ ଡାକ୍ତର ଦସ୍ତଖତ କିମ୍ବା ରୋଗୀର ନାମ ଉଲ୍ଲେଖ କରୁନାହାନ୍ତି। ଏହି ଔଷଧ ରୋଗୀ କିଣ୍ୱାକୁ ଅନିଚ୍ଛା ପ୍ରକାଶ କଲେ ହସ୍ପିଟାଲରୁ ରୋଗୀ ଆଣିଥିବା ଟିକଟ(ବ୍ୟବସ୍ଥା ପତ୍ର) ଡାକ୍ତର ରୋଗୀଙ୍କୁ ନଦେଇ କରିଦେଉଛନ୍ତି। ସେ ଲେଖିଥିା ଔଷଧ ବାହାରୁ କିଣି ଆଣିଲେ ହିଁ ଟିକଟ ଫେରାଇବେ ଓ ପରବର୍ତୀ ଜଳାତଙ୍କ ଇଞ୍ଜେକସନ ଦିଆଯିବ ବୋଲି ଧମକ ଦେଉଛନ୍ତି। ଫଳରେ ରୋଗୀ ଡାକ୍ତର ଲେଖିଥିବା ଅନାବଶ୍ୟକୀୟ ଔଷଧ ଅତ୍ୟଧିକ ଟଙ୍କା ଦେଇ କିଣିବାକୁ ବାଧ ହେଉଛନ୍ତି। ସଂପୃକ୍ତ ଡାକ୍ତର କୁଆଡେ ଔଷଧ ଦୋକାନୀ ଠାରୁ ପର୍ଯ୍ୟାପ୍ତ ପରିମାଣରେ କମିଶନ ପାଉଥିବା ଅଭିଯୋଗ ହେଉଛି। ହସ୍ପିଟାଲକୁ ଯାଉଥିବା ରୋଗୀମାନଙ୍କୁ ବାହାରୁ ଔଷଧ କିଣିବାକୁ ନଲେଖିବାକୁ ସରକାରଙ୍କ ପକ୍ଷରୁ କଡ଼ା ତାଗିଦ ସତ୍ୱେ ସଂପୃକ୍ତ ଡାକ୍ତର କିପରି ଏହାକୁ ଅମାନ୍ୟ କରୁଛନ୍ତି।ଏ ଧରଣର ଶୋଷଣ ତୁରନ୍ତ ବନ୍ଦ କରିବାକୁ ଗଞ୍ଜାମ ଜିଲା ସିଡିଏମଓ ଓ ହସ୍ପିଟାଲ ଅଧକ୍ଷ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଯୌତୁକ ପାଇଁ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ଅଦାଲତ ଚାଲାଣ

କୋରେଇ, ୨୬/୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ବିଜୟ କୁମାର ପୃଷ୍ଟିଙ୍କ ପୁଅ ପ୍ରଶାନ୍ତ ପୃଷ୍ଟି ୨୦୧୯ ମସିହା ଧର୍ମଶାଳା ଥାନା ଅନ୍ତର୍ଗତ ବଡମଙ୍ଗଳପୁର ଗ୍ରାମର ଘନଶ୍ୟାମ ସାହୁଙ୍କ ଝିଅ ଭାରତୀ ସାହୁଙ୍କୁ ହିନ୍ଦୁ ରିତୀ ନିତୀ ଅନୁଯାୟୀ ବିବାହ କରିଥିଲା । ବିବାହ ସମୟରେ ଦାବି ମୁତାବକ ଯୌତୁକ ମଧ୍ୟ ଦିଆଯାଇଥିଲା । ବିବାହ ପରେ ତାଙ୍କର ଏକ ୪ବର୍ଷ ଝିଅ ମଧ୍ୟ ଅଛି । ୨୦୨୧ ମସିହାରୁ ଭାରତୀ ଉପରେ ଅଧିକ ଯୌତୁକ ପାଇଁ ସ୍ୱାମୀ ଓ ପରିବାର ପକ୍ଷରୁ ଶରୀରିକ ଓ ମାନସିକ ନିର୍ଯ୍ୟାତନା ଆରମ୍ଭ ହୋଇଥିଲା । ଫଳରେ ଗତ ୨୪ ତାରିଖ ଭାରତୀକୁ ମାରିଦେବା ଉଦ୍ଦ୍ୟେଶରେ ଟଙ୍ଗାଇ ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ଭାରତୀଙ୍କ ଭାଇ କୁଳମଣି । ପଡୋଶୀ ଭାରତୀର ପାଟି ଶୁଣି ତାକୁ ଉଦ୍ଧାର କରିବା ପରେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକର ଏକ ବେସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଛିକିତ୍ସିତ ଅବସ୍ଥାରେ ଭାରତୀଙ୍କ କାଲି ମୃତ୍ୟୁ ଘଟିଥିଲା । ପୁଲିସ ଏନେଇ ଏକ ମାମଲା ୨୨୧/୨୪ ରୁଜୁ କରି ସପରିବାର ନାମରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀ ପ୍ରଶାନ୍ତ(୩୪)କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି ।

# ଓଚିନ୍ଦାରେ ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ୍ ଉଦ୍ଘାଟିତ

କୋରେଇ, ୨୬/୪ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦାରେ ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ (ଏମପିଏଲ) ଗୁରୁବାର ରାତ୍ରୀରେ ଉଦ୍ଘାଟିତ ହୋଇଛି । ୩ରାତ୍ର ବ୍ୟାପି ଏହି କ୍ରିକେଟ ପ୍ରତିଯୋଗୀତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗୀତା ଗୋପିନାଥ ନାଇଟ ରାଇଡର, ଉତ୍କଳମଣି ଏକାଦଶ, କୁରାଶୁଣୀ ରାଇଜିଂଗ ଷ୍ଟାର, ଏମ,ଏଫଏସ, ପ୍ରତ୍ୟୁଷ ପାଓ୍ୱାର ହିଟର, ଏସକେଏସ ସ୍କାଏ ଓ୍ୱାଲକରସ, ବ୍ରଦର୍ସ ଇଲେଭେନ, ବାସୁଦେବ ଗେମ ସୁଇଂଗର୍ସ ପ୍ରମୁଖ ଦଳ ଦଳ ଭାଗନେଇଛନ୍ତି । ଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଯୁବନେତା ଗଦାଧର ସାହୁ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍ଘାଟନ କରିଥିଲେ । ଏହି ଖେଳକୁ ପିଂଟୁ ନାଥ ଓ ସନ୍ତୋଷ ଦାସ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଓ ସତ୍ୟଜିତ ସେନାପତି ଧାରା ବିବରଣୀ ପ୍ରଦାନ କରିଥିଲେ । ସମୀର ସାହୁ, ଅଭିମନ୍ୟୁ ପରିଡା, ଅଜୟ କୁମାର ଗିରି, ଲକ୍ଷ୍ମଣ ମାଝୀ, ପ୍ରତାପ ପରିଡା, ପ୍ରଦୀପ ମାଝୀ, ଲୋଟନ ସାହୁ ପ୍ରମୁଖଙ୍କ ସମେତ ଏମପିଏଲର କର୍ମକର୍ତା ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଖେଳାଳୀ ଓ ଟିମ ମାଲିକ ମାନେ ଉପସ୍ଥିତ ଥିଲେ ।

# 'ଏକବିଂଶ ଶତାବ୍ଦୀରେ ଗଣିତ : ସିଦ୍ଧାନ୍ତ ଏବଂ ପ୍ରୟୋଗ' ଶୀର୍ଷକ ଜାତୀୟ ସମ୍ମିଳନୀ ଉଦ୍ଘାଟିତ

ଜୟପୁର, ୨୬/୪ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ 'ଏକବିଂଶ ଶତାବ୍ଦୀରେ ଗଣିତ: ଥିଓରୀ ଏବଂ ପ୍ରୟୋଗ' ଶୀର୍ଷକ ଏକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆଜି ଉଦ୍ଘାଟିତ ହୋଇଯାଇଛି । ଗଣିତ ବିଭାଗ ପକ୍ଷରୁ ଆୟୋଜିତ ଏହି ଉଦ୍ଘାଟନୀ ଉତ୍ସବରେ ଗଣିତ ବିଷୟରେ ଦେଶର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ ରେଜିଷ୍ଟ୍ରାର ପ୍ରଫେସର ନରସିଂହ ଚରଣ ପଣ୍ଡା, ବାରାଣାସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୁକୁଟ ମଣି ତ୍ରିପାଠୀ, ଝାନ୍ସୀସ୍ଥିତ ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଅବନୀଶ କୁମାର, ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କିଶନଗଡ଼ର ପ୍ରଫେସର ଜେ.କେ. ପ୍ରଜାପାତ; ଭୁବନେଶ୍ୱର ସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏ.କେ.ମିଶ୍ର, ଆଇଆଇଟି ଦିଲ୍ଲୀର ପ୍ରଫେସର ଭବାନୀ ଶଙ୍କର ପଣ୍ଡା, ରାଷ୍ଟ୍ରସନ୍ତ ତୁକାଡୋଜୀ ମହାରାଜ (ଆରଟିଏମ୍) ନାଗପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଶାନ୍ତ ଚାଟାର୍ଜୀ, ରାଷ୍ଟ୍ରସନ୍ତ ତୁକାଡୋଜୀ ମହାରାଜ (ଆରଟିଏମ୍) ନାଗପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଜିଏସ୍ ଖଡ୍ଡେକର ଏବଂ ସିୟୁଓର ଗଣିତ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ମୁଖ୍ୟ ଓ ଏହି ସମ୍ମିଳନୀର ଅଧକ୍ଷ ଡ. ଅଶୋକ କୁମାର ସାହୁ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ପଠାଇଥିବା ଏକ ବାର୍ତାରେ କଠିନ ପରିଶ୍ରମ ଓ ସଚ୍ଚୋଟତାର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରି ବିଶ୍ୱ ସ୍ତରରେ ନେତୃତ୍ୱ ନେବାର ଭାରତର ସୁଯୋଗ ଭାବରେ ବର୍ତମାନର ସମୟ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଗଣିତର ଚିରନ୍ତନ ପ୍ରକୃତିକୁ ଜୀବନ ଓ ମୃତ୍ୟୁ ସହ ତୁଳନା କରି ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ (ପଠାଣୀ ସାମନ୍ତ)ଙ୍କ ଭଳି ଐତିହାସିକ ବ୍ୟକ୍ତିତ୍ୱଙ୍କ ଠାରୁ ପ୍ରେରଣା ନେବାକୁ ପରାମର୍ଶ ଦେଇଥିଲେ । ପ୍ରଫେସର ନରସିଂହ ଚରଣ ପଣ୍ଡା ବେଦରେ ଥିବା ସମୃଦ୍ଧ ଗାଣିତିକ ଐତିହ୍ୟ ଉପରେ ଆଲୋକପାତ କରି ଆଧୁନିକ ପ୍ରୟୋଗଗଣିତର ମାର୍ଗଦର୍ଶନ କରିବାର କ୍ଷମତା ଏବଂ ଭାରତୀୟ ଶିକ୍ଷାରେ ଏହାର ଅବିଚ୍ଛେଦ୍ୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ମୁକୁଟ ମଣି ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ଜୀବନକୁ ଗଢ଼ି ତୋଳିବାରେ ସଂକଳ୍ପ ଓ କଠିନ ପରିଶ୍ରମ ଉପରେ ଗୁରୁତ୍ୱାରୋପ କରିବା ସହ ଗଣିତକୁ ବିଭିନ୍ନ ବିଷୟରେ ମାର୍ଗଦର୍ଶକ ଭାବନା ଭାବେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅବନୀଶ କୁମାର ଗଣିତର ସାମ୍ପ୍ରତିକ ବିକାଶରେ ସନ୍ତୋଷ ବ୍ୟକ୍ତ କରିବା ସହ ଗବେଷଣା ଓ ମୌଳିକ ଚିନ୍ତାଧାରାର ଗୁରୁତ୍ୱ ଉପରେ କହିଥିଲେ। ବିଶେଷ ଅତିଥି ଭାବେ ପୂର୍ବତନ ପ୍ରଫେସର ଏ.କେ. ମିଶ୍ର ସଫଳତାର ପ୍ରକୃତି ଉପରେ ଆଲୋକପାତ କରିବା ସହ କେବଳ ସ୍ୱପ୍ନ ଦେଖିବା ଅପେକ୍ଷା ବ୍ୟବହାରିକ ସାଧନ ପାଇଁ ଅନୁରୋଧ କରିଥିଲେ। ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟ ଗଣିତର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହେବାର ପରିକଳ୍ପନା କରିଥିଲେ । ସମ୍ମିଳନୀର ଅଧକ୍ଷ ଡ. ଅଶୋକ କୁମାର ସାହୁ ସମ୍ମିଳନୀର ବିଷୟବସ୍ତୁ ବର୍ଣ୍ଣନା କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ଆବାହକ ଡ. ଜ୍ୟୋତିସ୍ମା ଦତ୍ତ ଓ ସହ ଆବାହକ ଶୁଭମ ପାଢ଼ୀ, ଆୟୋଜକ ସମ୍ପାଦକ ଡ. ସର୍ବେଶ୍ୱର ବାରିକ ଉପସ୍ଥିତ ଲୋକଙ୍କୁ ଧନ୍ୟବାଦ ଜଣାଇବା ସହ ସମ୍ମିଳନୀ ଅଧିବେଶନର ସମୀକ୍ଷା କରିବା ସହ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ସହ ପ୍ରେରଣାଦାୟକ ଉପସ୍ଥାପନା କରିଥିଲେ। ସମସାମୟିକ ବିଶ୍ୱକୁ ଗଢ଼ି ତୋଳିବାରେ ଗଣିତର ବିକଶିତ ଭୂମିକା ଉପରେ ଆଲୋକପାତ କରି ଏହି ସମ୍ମିଳନୀ ଚିନ୍ତାଧାରା ଓ ବୁଦ୍ଧିର ଫଳପ୍ରଦ ଆଦାନପ୍ରଦାନ ହେବାର ପ୍ରତିଶ୍ରୁତି ଦେବ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

# ବରପଦାରେ ନାବକେଳି ଉତ୍ସବ

କୋରେଇ, ୨୬/୪ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ବରପଦା ଗ୍ରାମରେ କୈବର୍ତ ସଂଘର ନାବକେଳି ଉତ୍ସବଏକ ପବିତ୍ର ମୟ ଆଧ୍ୟାତ୍ମିକ ପରିବେଷ ମଧ୍ୟରେ ଅନୁଷ୍ଠିତ ହୋଉଅଛି । ପୌରାଣିକ ତଥ୍ୟକୁ ଆଧାର କରି ବରପଦା ଗ୍ରାମର କୈବର୍ତ ମାନେ ଚଳିତ ବର୍ଷ ଚୈତ୍ର ପୂର୍ଣ୍ଣିମା ଠାରୁ ଏହି ଉତ୍ସବ ଖୁବ ଆଡମ୍ବର ସହିତ ପାଳନ କରୁଛନ୍ତି । କୈବର୍ତ ମାନେ ନିଜ ବୋଇତକୁ ଧୋଇ ଫୁଲ, ଚନ୍ଦନ, ନୈବେଦ୍ୟ ଦେଇ ସର୍ମପଣ କରିଥିଲେ । ଏହି ଉତ୍ସବରେ ଘୋଡାନାଚ, ପାରମ୍ପରିକ ନୃତ୍ୟ, କିର୍ତନ, ସଂଗୀତ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଚାଲୁ ରହିଛି । ସୀତାରାମ ମୃତିକୁ ପୂଜାର୍ଚ୍ଚନା କରାଯାଉଛି । ସମସ୍ତ କାର୍ଯ୍ୟକ୍ରମରେ କର୍ତା ଭାବେ ରାଜ କିଶୋର ପରିଡା ଯୋଗଦାନ କରିଥିବା ବେଳେ ବାସୁଦେବ ପରିଡା, ଗୋଲକ ଚନ୍ଦ୍ର ମାଝୀ, ଶ୍ରୀଧର ପରିଡା, ନକୁଳ ପରିଡା, ଉପେନ୍ଦ୍ର ପରିଡା, ସହଦେବ ପରିଡା, ବଟକୃଷ୍ଣ ପରିଡା, ପଦ୍ମନାଭ ପରିଡା, ଗୋପାଳ ମାଝୀ, ରମାକାନ୍ତ ପରିଡା, ବାବୁରାମ ପରିଡା, ଗୋକୁଳ ପରିଡା ଏବଂ ସମସ୍ତ କର୍ମକର୍ତା ସହଯୋଗ କରିଛନ୍ତି ।

# କେନ୍ଦ୍ରାପଡ଼ାରେ ଗଡ଼ିଲା ଭିନ୍ନକ୍ଷମ ଭୋଟର ସଚେତନତା ରଥ

କେନ୍ଦ୍ରାପଡ଼ା, ୨୬/୪ (ନି.ପ୍ର): ଦିବ୍ୟାଙ୍ଗ ଭୋଟ୍‌ଦାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ(ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ) ପକ୍ଷରୁ ଗଡ଼ିଛି 'ଭିନ୍ନକ୍ଷମ ଭୋଟର୍ ସଚେତନତା ରଥ।' ଏହି ରଥକୁ ଆଜି ସକାଳ ୮ଘଟିକା ସମୟରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ପତାକା ଦେଖାଇ ଶୁଭାରମ୍ଭ କରିବା ସହ କହିଛନ୍ତି ଆମ ଜିଲ୍ଲାର ଦିବ୍ୟାଙ୍ଗ ଭାଇଭଉଣୀମାନେ ଜୁନ୍ ୧ ତାରିଖରେ ଭୋଟ୍‌ଦେଇ ସେମାନଙ୍କ ପାଇଁ ଥିବା ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରନ୍ତୁ। ଜିଲ୍ଲା ପ୍ରଶାସନ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଛି। ଦିବ୍ୟାଙ୍ଗ ଓ ବୟୋବୃଦ୍ଧ ଭୋଟରଙ୍କ ନିମନ୍ତେ ପୋଷ୍ଟାଲ୍ ବାଲଟ୍ ବ୍ୟବସ୍ଥା ରହିଛି। ଘର ଠାରୁ ଭୋଟ୍‌ଦାନ କେନ୍ଦ୍ର ପର୍ଯ୍ୟନ୍ତ ପୁଣି ମତଦାନ କେନ୍ଦ୍ରରୁ ଘର ପର୍ଯ୍ୟନ୍ତ ଯିବା ଆସିବା ପାଇଁ ସକ୍ଷମ ଯାନର ବନ୍ଦୋବସ୍ତ କରାଯାଇଛି। ସେମାନଙ୍କୁ ସହଯୋଗ କରିବାକୁ ପ୍ରତ୍ୟେକ ବୁଥ୍‌ରେ ରହିବେ ଜଣେ ଜଣେ ସ୍ୱେଚ୍ଛାସେବୀ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆଜିଠୁ ଗଡ଼ିଥିବା ଏହି ଦୁଇଟି ସଚେତନତା ରଥ ଆସନ୍ତା ୮ଦିନ ପର୍ଯ୍ୟନ୍ତ ସମସ୍ତ ୨୪୯ଟି ପଂଚାୟତରେ ସଚେତନତାର ବାର୍ତା ବାଂଟିବ। ଗାଁକୁ ଗାଁ ବୁଲି ସୁଗମ ନିର୍ବାଚନ ନିମନ୍ତେ ଦିବ୍ୟାଙ୍ଗ ଭୋଟ୍‌ଦାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରାଇବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଆଲୋକ କୁମାର ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ(ମମତା) ମନୋରଞ୍ଜନ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଲୋକନାଥ ପାଣିଗ୍ରାହୀ, ସମସ୍ତ ବ୍ଲକ୍‌ର ବିଏସ୍‌ଏସ୍‌ଓ, ଜିଲ୍ଲା କାର୍ଯ୍ୟାଳୟର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା, ଅଫିସ ସହାୟକ ଦେବୀପାଦ ସ୍ୱାଇଁ, ଅତିସ କୁମାର ସ୍ୱାଇଁ, କିରଣବାଳା ଚୌଧୁରୀ, ରଜନୀକାନ୍ତ ଶୁକ୍ଲା, ସଞ୍ଜୟ କୁମାର ବାରିକ, ମନୋରଞ୍ଜନ ସାହୁ, ସର୍ବେଶ୍ୱର ବାରିକ, ନାରାୟଣ ଜେନା, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗରାପୁର ଆରଆଇ ଅଫିସ ନିକଟରେ ବେଆଇନ ଇଟାଭାଟି

କେନ୍ଦ୍ରାପଡ଼ା, ୨୬/୪ (ନି.ପ୍ର): ପ୍ରବଳ ଗ୍ରୀଷ୍ମ ତାପରେ ସାଧାରଣ ଲୋକଙ୍କ ଜୀବନ ଯାପନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବାବେଳେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତ ଗରାପୁର ଆରଆଇ ଅଫିସ ନିକଟରେ ବେଆଇନ ଇଟାଭାଟି ଲୋକଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି। ପ୍ରବଳ ଖରାରେ କାମ କରିବା ବେଆଇନ ହୋଇଥିବାବେଳେ ଏଠାରେ ଶ୍ରମିକମାନଙ୍କୁ କାମରେ ଲଗାଯାଇଥିବା ଘଟଣା ଜିଲ୍ଲା ଶ୍ରମ ବିଭାଗ ନିରବଦ୍ରଷ୍ଟା ସାଜିଛି। ଇଟାଭାଟିରେ କାମ କରୁଥିବା ଶ୍ରମିକମାନଙ୍କ ଜୀବନ ବିପଦ ଶଙ୍କୁଳ ହୋଇପଡ଼ିଛି। ଟାଉନ ସଂଲଗ୍ନ ଗରାପୁର ଠାରେ ଦୀର୍ଘବର୍ଷ ହେଲା ବେଆଇନ ଭାବେ ଇଟାଭାଟି ଚାଲୁଥିବାବେଳେ ତହସିଲଦାର, ଆରଆଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ଲୋକମାନଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବୌଦ୍ଧ ଜିଲ୍ଲାର ଦୁଇ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ନେଇ ବିଜ୍ଞପ୍ତି ଜାରି

ବୌଦ୍ଧ, ୨୬/୪ (ନି.ପ୍ର): ସାଧାରଣ ନିର୍ବାଚନ- ୨୦୨୪ ପରିପ୍ରେକ୍ଷୀରେ ଆଜି ବୌଦ୍ଧ ଜିଲ୍ଲାର କଂଟାମାଳ ଓ ବୌଦ୍ଧର ଦୁଇ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀ ତଥା କନ୍ଧମାଳ ସଂସଦୀୟ କ୍ଷେତ୍ର ନିମନ୍ତେ ମେ ୨୦ ତାରିଖ ସକାଳ ୭ଟା ଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ଆଜି ଠାରୁ ପ୍ରାର୍ଥୀ ମାନେ ନିଜର ନାମାଙ୍କନ ପତ୍ର ଆସନ୍ତା ମଇ ୩ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଦାଖଲ କରିପାରିବେ। ମଇ ୪ ତାରିଖ ଦିନ ପ୍ରାର୍ଥୀପତ୍ର ଯାଂଚ୍ କରାଯିବ। ମଇ ୬ ତାରିଖ ଦିନ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ । ଆଜି ଠାରୁ ଦିବସର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସାଧାରଣ ଛୁଟି ଦିନ ବ୍ୟତୀତ ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଦାଖଲ କରିପାରିବେ। ଆଜି ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ପତ୍ର ଦାଖଲ ହୋଇନଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ତଥ୍ୟକୁ ସହଜ ଓ ସରଳ ଭାବେ ଉପଲବ୍ଧ କରିବା ନିମନ୍ତେ ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସହାୟତା କେନ୍ଦ୍ର ଖୋଲାଯାଇଛି। ଜିଲ୍ଲାରେ ନିର୍ବାଚନ ଅନୁଧ୍ୟାନ କରିବା ପାଇଁ ଏସ ଏସ ଟି ଦଳ, ଫ୍ଲାଇଙ୍ଗ ସ୍କୁଆଡ ଦଳ, ଖର୍ଚ୍ଚ ବ୍ୟୟ ଅନୁଧ୍ୟାନ ଦଳ, ଭିଡିଓ ଉତୋଳନ ନିରୀକ୍ଷଣ ଦଳ ରହିଛନ୍ତି। କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଜିଲ୍ଲାରେ ନିର୍ବାଚନକୁ ଶାନ୍ତି ଏବଂ ଶୃଙ୍ଖଳିତ ଢ଼ଙ୍ଗରେ ଅନୁଷ୍ଠିତ କରିବା ପାଇଁ ବିଏସଏଫ, ଆଇଆରବି ର ଯବାନଙ୍କ ସହ ଜିଲା ପୋଲିସ ମୁତୟନ ରହିଛନ୍ତି।

# ସେଂଚୁରିଅନ ବିଦ୍ୟାଳୟରେ ଇଂରାଜୀ କବିତା ପାଠୋତ୍ସବ ପଏମ ପାଲୁଜା ଉଦ୍‌ଯାପିତ

ବଲାଙ୍ଗୀର, ୨୬/୪ (ନି.ପ୍ର): ସାହିତ୍ୟ ସମାଜର ହିତ କରିଥାଏ. ପ୍ରାଚୀନ ଯୁଗରୁ ପଦ୍ୟହିଁ ସାହିତ୍ୟର ପ୍ରଥମ ରୂପ ରୂପେ ପରିଚିତ ହୋଇଆସିଛି. ପଦ୍ୟର ଥିବା ଅନ୍ତର୍ନିହିତ ତତ୍ୱ ମଣିଷକୁ ଶିକ୍ଷିତ, ମାର୍ଜିତ କରି ଗଢି ତୋଳିଥାଏ. ପଦ୍ୟ ବା କବିତାର ଏହି ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଛାତ୍ର, ଛାତ୍ରୀଙ୍କୁ ଅବଗତ କରାଇବା ପାଇଁ ସେଂଚୁରିଅନ ବିଦ୍ୟାଳୟର କର୍ତୃପକ୍ଷ ଆଜି ଏକ ଇଂରାଜୀ କବିତା ପାଠୋତ୍ସବ ବା 'ପଏମ ପାଲୁଜା 'ଆୟୋଜିତ କରିଥିଲେ. ଏହି କାର୍ଯ୍ୟକ୍ରମରେ ଏକାଦଶ କଳା, ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀର ୨୨ ଜଣ ଛାତ୍ର, ଛାତ୍ରୀ ଅଂଶ ଗ୍ରହଣ କରିଥିଲେ.ଛାତ୍ର, ଛାତ୍ରୀ ମାନେ ବିଭିନ୍ନ ଇଂରାଜୀ କବିତା ଗୁଡିକ ପାଠ କରିବା ସହିତ ତାର ସାରାଂଶର ବିଶ୍ଳେଷଣ କରିଥିଲେ. କାର୍ଯ୍ୟକ୍ରମଟିର ଉଦ୍ଦେଶ୍ୟ ଥିଲା ଛାତ୍ର, ଛାତ୍ରୀମାନଙ୍କ ମଧ୍ୟରେ ଇଂରାଜୀ ଭାଷାର ଶବ୍ଦକୋଷ ଓ ବ୍ୟାକରଣଗତ ଜ୍ଞାନ ବୃଦ୍ଧି ସହ ସେମାନଙ୍କର ଆତ୍ମବିଶ୍ୱାସ ଓ ବିଶ୍ଳେଷଣାତ୍ମକ ଦକ୍ଷତା ବୃଦ୍ଧି କରିବା.ବିଦ୍ୟାଳୟର ଅଧାପିକା ଶ୍ରୀମତୀ ଯମୁନା ମିଶ୍ର ଏବଂ ସାକୀସ୍ମିତା ଚୋପଦାରଙ୍କ ପ୍ରୋତ୍ସାହନ ଓ ମାର୍ଗ ଦର୍ଶନରେ ଛାତ୍ର, ଛାତ୍ରୀମାନେ କାର୍ଯ୍ୟକ୍ରମରେ ଉତମ ଭାବେ କବିତା ପାଠ ଓ ବିଶ୍ଳେଷଣ କରିଥିଲେ. ଅନୁଷ୍ଠାନର ଆଂଚଳିକ ନିର୍ଦ୍ଦେଶକ ଡ଼. ପ୍ରଦୀପ ଷଡ଼ଙ୍ଗୀଙ୍କର ପ୍ରତ୍ୟକ୍ଷ ତତ୍ୱବଧାନରେ ଅନୁଷ୍ଠିତ ହୋଇଥିଲା. କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ତମାଳ ଚକ୍ରବର୍ତୀ, ଉପାଧକ୍ଷା ଡ଼. ପୂନ୍ୟତୋୟା ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମଟିର ସଫଳ ପରିଚାଳନାରେ ସହଯୋଗ କରିଥିଲେ. କାର୍ଯ୍ୟକ୍ରମଟି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା. ଅନୁଷ୍ଠାନର ଏଭଳି ନିଆରା ଓ ଅଭିନବ ପ୍ରୟାସକୁ ଅଭିଭାବକ ଓ ଅଭିଭାବିକାମାନେ ମଧ ଉଚ୍ଚ ପ୍ରଶଂସା କରିଛନ୍ତି. ସତରେ ବିଦ୍ୟାଳୟର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ ଅଟେ ଓ ଏହା ଛାତ୍ରଛାତ୍ରୀଙ୍କ ଇଂରାଜୀ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇପାରିବ।

# ୪୦ ଲକ୍ଷ ଟଙ୍କା ବ୍ୟୟରେ ସଂପୂର୍ଣ୍ଣ ହେଲା ଯାଦବ ମହାସଭା ଭବନ

କେନ୍ଦ୍ରାପଡ଼ା, ୨୬/୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ଭବନ ସଂପୂର୍ଣ୍ଣ ହୋଇଯାଇଛି। କେନ୍ଦ୍ରାପଡ଼ା ଟାଉନ ସଂଲଗ୍ନ ଗରାପୁର ଠାରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଭବନର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୩୦ ଲକ୍ଷ ଏବଂ କେନ୍ଦ୍ରାପଡ଼ା ବିଧାୟକଙ୍କ ପାଣ୍ଠିରୁ ୧୦ ଲକ୍ଷ ମୋଟ୍ ୪୦ ଲକ୍ଷ ଟଙ୍କାରେ ଦୀର୍ଘ ୨.୫ ମାସ ଭିତରେ ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ଉଦ୍ୟମରେ ସମ୍ପୂର୍ଣ୍ଣ ହୋଇଯାଇଛି। ଶୁକ୍ରବାର ଶ୍ରୀ ପଲାଇ ଆନୁଷ୍ଠାନିକ ଭାବେ ଏହି ୨ ମହଲା ଗୃହକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପୃଷ୍ଟି ବିଜୟ କୁମାର ପରିଡ଼ା, ମନୋଜ କୁମାର ପରିଡ଼ା, ସାଧାରଣ ସଂପାଦକ ଚିନ୍ମୟ ଦାସ, ଯୁବ ଯାଦବ ସଭାପତି ମନୋଜ ଦାସ, ମହିଳା ଯାଦବ ସଭାନେତ୍ରୀ ମିନତୀ ଦାସ, କୋଷାଧକ୍ଷ ନବ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୪୯
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମୋତେ ଦେଖି ସେ ଅଧରରେ ସ୍ମିତହାସ ପ୍ରକାଶ କରି ଭିକ୍ଷାଝୁଲି ପାତି ଦେଇ କହିଥିଲେ ଦିଅ ଦେବୀ, ଏହି ଝୁଲିରେ ତୁମ ଭିକ୍ଷା ଢାଳିଦିଅ। ମୁଁ ଭିକ୍ଷା ଦେବା ସମୟରେ ମୋ ବାମହସ୍ତକୁ ସେ ଖୁବ୍ ଜୋରରେ ଧରି ପକାଇଥିଲେ ।

ମୁଁ ଚିତ୍କାର କରି କହିଥିଲି, ଆପଣ ଏ କ'ଣ କରୁଛନ୍ତି ସନ୍ନ୍ୟାସୀ । ଭିକ୍ଷା ନନେଇ ମୋ ହସ୍ତକୁ ଏମିତି ଆକର୍ଷଣ କରୁଛନ୍ତି କାହିଁକି ?

ମୋ କଥା ଶୁଣି ସେ ଅଟ୍ଟହାସ୍ୟ କରି କହିଥିଲେ, ତୁମେ ଭୁଲ୍‌କଲ ଦେବୀ । ତୁମ ଦିଅର କାଟିଦେଇ ଯାଇଥିବା ତିନିଗାରକୁ ଡେଇଁ ତୁମେ ମହାଭୁଲ୍ କରିଛ । ମୁଁ ହାରିଯାଇ ଫେରି ଯାଉଥିବା ସମୟରେ ତୁମେ ଆସି ମୋତେ ଧରାଦେଇଛ । ମୁଁ ସାମାନ୍ୟ ସନ୍ନ୍ୟାସୀ ନୁହେଁ । ମୁଁ ଲଙ୍କାଧିପତି ଦଶଶିର ରାବଣ । ଆସ ଦେବୀ ତୁମକୁ ଆଜି ମୁଁ ମୋ ଲଙ୍କାପୁରୀକୁ ନେଇଯିବି ।

ନା ଚିତ୍କାର କରି ଉଠିଥିଲି ମୁଁ । ଭଣ୍ଡ ସନ୍ନ୍ୟାସୀ । କପଟରେ ସନ୍ନ୍ୟାସୀ ରୂପଧରି ଭିକ୍ଷା ପାଇଁ ମୋ ଗୁମ୍ଫା ସମ୍ମୁଖରେ ପହଞ୍ଚି କାହିଁକି ଏପରି ଅନୀତି କାର୍ଯ୍ୟ ତୁମେ କରୁଛ । ମୋ ହାତଛାଡ଼ ମୁଁ ମୋ ଗୁମ୍ଫାକୁ ଫେରିଯିବି ।

ମୋ କଥା ଶୁଣି ଆହୁରି ଅଟ୍ଟହାସ୍ୟ କରି ସେ କହିଥିଲେ, ଆଉ ଏହା ସମ୍ଭବ ନୁହେଁ ଦେବୀ। ରାବଣ ଯାହାର ହସ୍ତ ଧରିଛି ତାକୁ ସେ ଏତେ ସହଜରେ ଛାଡ଼ିଦେବେ ନାହିଁ । ଏ ଅରଣ୍ୟରେ ରହି ସେ ଜଟାଧାରୀ ସ୍ୱାମୀ ତୁମକୁ କି ସୁଖ ଦେଉଛି । ତୁମେ ମୋ ସହିତ ଚାଲ । ମୋ ସ୍ୱର୍ଣ୍ଣ ଲଙ୍କାକୁ ଦର୍ଶନ କର । ହୀରା, ଲୀଳା, ମୋତି, ମାଣିକ୍ୟରେ ମୁଁ ତୁମକୁ ଛାଇଦେବି । ସେଠାରେ ତୁମେ ମୋର ପାଟରାଣୀ ହୋଇ ରହିବ ।

ତା' କଥା ଶୁଣି ମୁଁ କହିଥିଲି ମହାପାପୀ । ତୁ ମୋତେ କ'ଣ ବୋଲି ଭାବିଛୁକି ? ମୋ ସ୍ୱାମୀଙ୍କୁ ତୁ ଜାଣିନାହୁଁ । ମୋତେ ପାଇବା ପାଇଁ ମିଥିଳା ସ୍ୱୟମ୍ବର ସଭାକୁ ଯାଇ ଯେଉଁ ଧନୁକୁ ଉତ୍ତୋଳନ କରି ନପାରି ତୁ ଫେରି ଆସିଥିଲୁ ସେହି ଧନୁକୁ ଭାଂଗିଥିଲେ ମୋ ସ୍ୱାମୀ, ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର । ସେ ଏହି ପାଖରେ ଅଛନ୍ତି । ଜୀବନ ପ୍ରତି ଯଦି ତୋର ଆଶା ଅଛି ମୋ ହସ୍ତ ଛାଡ଼ିଦେଇ ପଳାଇଯା । ତା' ନହେଲେ ତାଙ୍କର ଗୋଟାଏ ଶରାଘାତରେ ତୁ ଏହିଠାରେ ଟଳିପଡ଼ିବୁ ।

ମୋ କଥାଶୁଣି ସେ ମୋତେ ଆକର୍ଷଣ କରି ନେଇ କହିଥିଲେ, ଡାକ ସୁନ୍ଦରୀ ତୋ ସ୍ୱାମୀକୁ ଡାକ । ମୁଁ ଦେଖିବି ସେ କେମିତି ଆସି ତୋତେ ମୋ ଠାରୁ ଛଡ଼ାଇ ନେବ । ଏହାକହି ସେ ମୋତେ ବଳପୂର୍ବକ ଘୋଷାରି ନିଅନ୍ତେ ମୁଁ ମୋ ସ୍ୱାମୀଙ୍କ ନାମଧରି ଲକ୍ଷ୍ମଣଙ୍କ ନାମଧରି ଚିତ୍କାର କରି ବନଭୂମିକୁ କମ୍ପାଇ ଦେଇଥିଲି । ହେଲେ ମୋ ଡାକ ତାଙ୍କ କର୍ଣ୍ଣରେ ବାଜି ନଥିଲା । ମୁଁ ଏକାନ୍ତ ଅସହାୟ ହୋଇ ପଡ଼ିଥିଲି ସୁଧାମୟୀ । ରାବଣ ମୋତେ ଘୋଷାରି ଘୋଷାରି ନେଇ ଯାଉଥାଏ । ମୁଁ ଚାହିଁଥିଲେ ତାକୁ ସେହି ମୁହୂର୍ତ୍ତରେ ଜାଳି ପାଉଁଶ କରି ଦେଇଥାନ୍ତି, ହେଲେ ତାହା ମୁଁ ପାରିଲି ନାହିଁ। କାହିଁକି ପାରିଲି ନାହିଁ ଜାଣ ପ୍ରୀତିଦା ! ସେଦିନ ମୁଁ ଯେଉଁ ଭୁଲ୍ କରିଥିଲି ସେହି ପାପର ଫଳ ମୋତେ ଭୋଗିବାକୁ ପଡ଼ିଲା । ପ୍ରତ୍ୟହ ଶଯ୍ୟାତ୍ୟାଗ କରି ମୁଁ ମୋ ସ୍ୱାମୀଙ୍କୁ ପ୍ରଣାମ କରି ନଦୀକୁ ସ୍ନାନ ପାଇଁ ଯାଏ । ସ୍ନାନ ସାରି ଆସି ମସ୍ତକରେ ସିନ୍ଦୂର ଲଗାଇ ସ୍ୱାମୀଙ୍କ ପାଦକୁ ଧୋଇ ପାଦୋଦକ ପାନକରେ। ଏତକ ଯଦି ସେଦିନ ମୁଁ କରିଥାନ୍ତି ରାବଣ ଭଳି ସହସ୍ର ରାବଣ ଚାହିଁଥିଲେ ବି ମୋ ହସ୍ତଧରି ପାରିନଥାନ୍ତେ । ମୋତେ ଛୁଇଁବା ମାତ୍ରେ ସେ ପୋଡ଼ି ପାଉଁଶ ହୋଇ ଯାଇଥା'ନ୍ତା । ମୁଁ ମହାପାପିନୀ ସେଦିନ ଦୁଇଟି ଭୁଲ୍ କରିଥିଲି । ପ୍ରଥମେ ମୋ ସ୍ୱାମୀଙ୍କୁ ଅବମାନନା, ଦ୍ୱିତୀୟରେ ଲକ୍ଷ୍ମଣ କାଟିଥିବା ତିନିଗାର ଡେଇଁ ଚାଲିଆସିବା। ଜଣେ ସାଧାରଣ ନାରୀ ଭଳି ମୁଁ ସେଦିନ ମୋର ସମସ୍ତ ବୋଧ ଶକ୍ତିକୁ ହରାଇ ଦେଇଥିଲି, ଯେଉଁଥିପାଇଁ ମହାପାପୀ ରାବଣ ମୋତେ ବଳପୂର୍ବକ ଘୋଷାରି ଆଣି ତା' ରଥରେ ବସାଇ ରଥକୁ ଲଙ୍କା ଦିଗକୁ ଚାଳି ଦେଇଥିଲା ।

ରଥ ଉପରେ ଥାଇ ମୁଁ ଚିତ୍କାର କରୁଥାଏ, ମୋ ସ୍ୱାମୀଙ୍କୁ ବିକଳ ହୋଇ ଡାକୁଥାଏ । ମୋ ଚିତ୍କାର କେହି ଶୁଣିପାରୁ ନଥାନ୍ତି । ପବନ ବେଗରେ ରଥ ବାହୁଥାଏ ଲଙ୍କପତି । ଆକାଶ ମାର୍ଗରେ ରଥ ଉଡ଼ି ଯାଉଥିବାବେଳେ ମୋ ପାଟିଶୁଣି ଜଟାୟୁ ନାମକ ପକ୍ଷୀ ଆସି ରାବଣ ରଥର ଗତିକୁ ରୋକି ଦେଇଥିଲା । ତା ପକ୍ଷରେ ରାବଣର ରଥକୁ ଭାଂଗିଦେବାକୁ ଚେଷ୍ଟା କରିଥିଲା । ତା' ଥଣ୍ଟ ନଖାଘାତରେ ରାବଣକୁ କ୍ଷତାକ୍ତ କରନ୍ତେ, ରାବଣ କ୍ରୋଧିତ ହୋଇ ତରବାରୀରେ ତାର ବେନିବାହୁକୁ ଛେଦନ କରିଦେବାରୁ ସେ ମୃତପ୍ରାୟ ହୋଇ ତଳେ ପଡ଼ିଯାଇ କହିଥିଲା, "ଏ ମହାପାପୀ କବଳରୁ ତୋତେ କେହି ରକ୍ଷା କରିପାରିବେ ନାହିଁ ମା' । ତୁ ମୋ ଉପରେ ଭରସା ରଖ । ତୋ ସ୍ୱାମୀ ନିକଟରେ ମୁଁ ଏ ସମ୍ବାଦ ପହଞ୍ଚାଇ ଦେବି ।"

ଶୂନ୍ୟ ମାର୍ଗରେ ରଥ ବାହି ଚାଲିଥାଏ ରାବଣ । ସମୁଦ୍ର ପାଖେଇ ଆସୁଥିବାର ଜାଣି ମୋ ହସ୍ତ ପଦରେ ଥିବା ସାମାନ୍ୟ କେତୋଟି ଅଳଙ୍କାରକୁ କାଢ଼ି ମୁଁ ତଳକୁ ଫିଙ୍ଗି ଦେଇଥିଲି । ବନଗିରି, ଲତାଗିରିଙ୍କୁ ପ୍ରାର୍ଥନା କରି କହିଥିଲି, ମୋ ସ୍ୱାମୀଙ୍କ ନିକଟରେ ଏ ଦୁଃସମ୍ବାଦ ପହଞ୍ଚାଇ ଦେବାକୁ । ଲଙ୍କାର ରାବଣ ମୋତେ ବଳପୂର୍ବକ ନେଇ ଯାଉଛି ବୋଲି କହି ମୁଁ ନୟନରୁ ଅଶ୍ରୁର ଧାରା ବୁହାଇ ଚାଲିଥାଏ । ଚେଷ୍ଟା କରୁଥାଏ ତା' ରଥରୁ ଡେଇଁ ପଡ଼ିବାକୁ । ହେଲେ ମୁଁ ନାଚାର । ସେ ପାପାଚାରୀ ତାର ଗୋଟାଏ ହସ୍ତରେ ମୋତେ ଏମିତି ଆକର୍ଷଣ କରି ଧରିଥାଏ ଯେ ତହିଁରୁ ମୁକୁଳିବା ମୋ ପକ୍ଷରେ କେବେବି ସମ୍ଭବ ନଥିଲା। କିମ୍ବା ପ୍ରାଣ ହାରିବା ମଧ୍ୟ ସମ୍ଭବ ନଥିଲା । ଚାହୁଁଚାହୁଁ ରଥ ସମୁଦ୍ର ପାର ହୋଇ ଆସି ଲଙ୍କା ନଗରୀରେ ପ୍ରବେଶ କରିଥିଲା ।

ଲଙ୍କା ନଗରରେ ଅବତରଣ କରିବାକୁ ଯାଉଥିବା ରାବଣର ବିମାନରେ ଥାଇ ମୁଁ କହିଥିଲି ରାବଣ ଜାଣିଜାଣି ତୁ ତୋ ମରଣକୁ ଆମନ୍ତ୍ରଣ କରୁଛୁ । ମୋ କଥା ଶୁଣି ସେ ହସିହସି କହିଥିଲା ସେ କଥା ମୋତେ ଜ୍ଞାତ ଅଛି ଦେବୀ । ଏହି ମୋ ବକ୍ଷସ୍ଥଳକୁ ଚାହିଁ ଦେଖ, ଏଠାରେ କ'ଣ ଲେଖା ହୋଇଛି । 'ସୀତାହରଣ, ରାବଣ ମରଣ' । ଏ କଥା ଜ୍ଞାତ ଥାଇ ମଧ୍ୟ ମୁଁ ତୁମକୁ ଅପହରଣ କରି ଆଣିଛି । ଏହା ପଛରେ ମୋର କି ଉଦ୍ଦେଶ୍ୟ ରହିଛି ତାହା ମୋ ବ୍ୟତିରେକେ ଆଉ କେହି ଜାଣିପାରିବେ ନାହିଁ । ଏବେ ତୁମେ କୁହ ଦେବୀ ତୁମେ ମୋର ଏ ସ୍ୱର୍ଣ୍ଣ ନଗରୀରେ ଅବସ୍ଥାନ କରିବ ନା' ତୁମ ସ୍ୱାମୀ ଅରଣ୍ୟବାସୀ ବୋଲି ମୋର ଅଶୋକବାଟିକାରେ ଅବସ୍ଥାନ କରିବ ।

ରାବଣର ଏପରି କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ସୁଧାମୟୀ । ପ୍ରକୃତରେ ରାବଣର ଉଦ୍ଦେଶ୍ୟ କ'ଣ ? ମୋ ଭାବନାର ପୂର୍ଣ୍ଣଚ୍ଛେଦ ଟାଣି ସେ କହିଥିଲା, "ମୋ ଲଙ୍କାନଗରୀରେ ତୁମ ଭଳି ଅନେକ ସୁନ୍ଦରୀ ଅଛନ୍ତି। ମୁଁ କିନ୍ତୁ ଚାହେଁ ତୁମକୁ ମୋ ଜୀବନ ସଂଗିନୀ କରିବା ପାଇଁ । ସେ କାର୍ଯ୍ୟ ସାଧନ ପାଇଁ ମୁଁ ତୁମ ଉପରେ କୌଣସି ବଳପ୍ରୟୋଗ କରିବି ନାହିଁ । ଆଜିଠାରୁ ତୁମକୁ ମୁଁ ମୋ ଅଶୋକବନରେ ନଜରବନ୍ଦୀ କରି ରଖିବି । ସେଠାରୁ ଶତଚେଷ୍ଟା କଲେ ମଧ୍ୟ ତୁମେ ଖସିଯାଇ ପାରିବ ନାହିଁ କିମ୍ବା ତୁମ ସ୍ୱାମୀ ଆସି ମଧ୍ୟ ତୁମକୁ ସେଠାରୁ ନେଇ ଯାଇପାରିବେ ନାହିଁ । ତୁମକୁ ମୁଁ ନିବେଦନ କରୁଛି ସୀତେ ତୁମେ ରାମକୁ ଭୁଲି ମୋର ହୋଇ ଯାଅ । ଦେଖିବ ତୁମ ପାଦତଳେ ସ୍ୱର୍ଗ ସମ୍ପତ୍ତି ଆଣି ମୁଁ ଲୋଟାଇଦେବି ।"

(କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ସ୍ମୃତିଚାରଣ

# ଓଡିଆ ସାହିତ୍ୟର ମହାନାୟକ: ମନୋଜ ଦାସ

**ଅକ୍ଷୟ କୁମାର ରାଉତ**

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

+ପାରାଦ୍ୱୀପଗଡ, କୁଜଙ୍ଗ,ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫

## କବିତା...



### ॥ ତୁମକୁ ପ୍ରେମ କରିବା ମନା ! ॥

**● ଅଞ୍ଜଳି ପଟ୍ଟନାୟକ**

ଯଦି ତୁମେ ବସିପାରନି
ରାତି ରାତି ଗଣିବାକୁ ଅନ୍ଧାରର ଛାଇ,
ନୀରବତାର ହାଇ,
ମାପିପାରନି ଖସୁଥିବା ତରାର
ଦୁଃଖର ସାନ୍ଦ୍ରତା
ତୁମକୁ ଶିହରଣ ଦଉନି ଯଦି
ଉତ୍ତରା ପବନର ଶୀତଳତା
ସତ କହୁଛି
ତୁମକୁ ପ୍ରେମ କରିବା ମନା...

ପରଖିନିଅ ନିଜକୁ
ଯଦି ତୁମେ ଏକା ଏକା ବସିଜାଣିନ
ପ୍ଲାଟଫର୍ମର ଚୌକିରେ ତା ଅପେକ୍ଷାରେ
ଯିଏ କେବେ ଆସିବାର ନାହିଁ,
ଯଦି ତୁମେ ବାଦଲରେ ଶୂନ୍ୟରେ
ଲଗେଇନ ଅନ୍ଦାଜରେ
ଏଇଟା ବାଦଲରେ କାହା ପ୍ରତିକୃତି,
ଆଉ ଖୋଜିନ ତୁମ ପ୍ରେମିକାର ଛବି,
ସତ କହୁଛି
ତୁମକୁ ପ୍ରେମ କରିବା ମନା....

ଯଦି ତୁମକୁ ଭଲ ଲାଗେନି
ଫୋନ୍ ରେ ପ୍ରେମିକା ସହ ଲମ୍ବା ଗପ,
ରାତି ଅନିଦ୍ରାର ଚାର୍ଟିଙ୍ଗ
ଏକା ଏକା ବସି କାଫେରେ ଚା ପିଇ
ଗୋଟେ ଗୋଟେ ପରେ ସିଗ୍ରେଟ
ପିଇ ପାଦତଳେ ଦଳିବା
ସତ କହୁଛି
ତୁମକୁ ପ୍ରେମ କରିବା ମନା...

ପ୍ରେମିକା ଓଠରୁ ଉଚ୍ଚାରିତ ପ୍ରତିଟି ବାକ୍ୟ,
ଯଦି ତୁମେ ଶୁଣିବାକୁ ଚାହୁଁନ
ବାରବାର ଲଗାତର
ପଢିଲା ପରି ପରୀକ୍ଷାର ପ୍ରଶ୍ନୋତ୍ତର
ନିଜେକୁ ନିଜେ ପଚାର
ତୁମକୁ କାହିଁକି ହେବନି ମନା
ପ୍ରେମ କରିବା...

ଯଦି ତୁମେ ଭୁଲି ଯାଉନ
କାହିଁକି ଆସିଛ ବଜାର
ପରିବା ବଦଳେ କିଣି ଆଣୁ ନାହିଁ
ମହମବତୀ ଓ ବାଲ୍ଟି
ଯଦି ତୁମେ ହଜିପାରୁନ
ଲୋକଙ୍କ ଭିଡରେ
ଯଦି ତୁମେ ମରୁନାହିଁ
ଜୀଇଁ ବା ବାହାନାରେ
ସତ କହୁଛି ମା'ରାଣ
ତୁମକୁ ପ୍ରେମ କରିବା ମନା ।

❤ ଲେଖା ଓ ହିସାବ ଅଧିକାରୀ
ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ
କାର୍ଯ୍ୟାଳୟ, ଅଇଁଠାପାଲି, ସମ୍ବଲପୁର
(ମୋ) ୭୯୭୮୪୧୩୨୨୩



### ॥ ସମୟର ଚକତଳେ ॥

**● ଡ. ସୁନନ୍ଦା ମିଶ୍ର ପଣ୍ଡା**

ସମୟର ଚକତଳେ
ବର୍ତ୍ତମାନର କଙ୍କାଳଟିଏ ମୁଁ
ଭବିଷ୍ୟତର ସୁନ୍ଦର ସ୍ୱପ୍ନ ,
ଅତୀତର ସ୍ମୃତି ସବୁ
ଲୁହଭିଜା ପାପୁଲିରେ ଚାପି ହୋଇଯାଏ ।

ଘଣ୍ଟା କଣ୍ଟାର, ଟିକ୍ ଟିକ୍ ଶବ୍ଦ ଧାରେ
ମଣିଷ ନାମଧାରୀ ଅସହାୟ ପ୍ରାଣୀ
ଜନ୍ମ ଓ ମୃତ୍ୟୁର
ଲେଲିହାନ ଦୀପଶିଖା ତଳେ
ଲିଭି ଲିଭି ଜଳେ ।
କିନ୍ତୁ ଏମିତି କଣ ହେଲା ?

ହଠାତ୍ ମୋ ଚାରିପଟେ
ସ୍ୱପ୍ନ ସବୁ
ନିଆଁର ପିଣ୍ଡୁଳା ପାଲଟିଲା ଓ
"ସମୟ ଓ ସ୍ୱପ୍ନ"
ମୋତେ ଏକୁଟିଆ କରି
ଶୂନ୍ୟ ମରୁଭୂମିର ଧୂ ଧୂ ଖରାରେ
ତତଲାବାଲି ବୋଲି
କ୍ଷତାକ୍ତ, ରକ୍ତାକ୍ତ କରି
ଏକ ନିଃସହାୟ ମଣିଷଟେ କଲ।

ତଥାପି ଲାଗେ
ବିଚିତ୍ର ସତ୍ୟର ଲମ୍ବା ହାତ
ସମୟର ମାୟାଜାଲକୁ ଛିଣ୍ଡାଇ
ଆଶାର କିରଣ ବୁଣି
ଅପାର୍ଥିବତାର ଠୋପାଏ
ହସ ଖେଳାଇବ ମୋ ଓଠରେ ।

❤ ଟରୋଣ୍ଟୋ , କାନାଡ଼ା
(ମୋ) ୧୬୪୭୮୩୮୯୮୮୪
drsunanda.panda@gmail.com



### ॥ ମୋ ଭିତରେ ଅଟକିଗଲି ମୁଁ ॥

**● ପ୍ରେମାନନ୍ଦ ଖଣ୍ଡୁଆଳ**

ଏ ବେରଙ୍ଗ ଆକାଶ
ଏ ନିଆଁଲଗା ଖରା
ଏ ବାମ୍ଫଉଠା ସମୁଦ୍ର
ଏ କଇଁଆ ଗଛ ବୃଛ
ଏ ଚିର୍ଚିରା ମାଟି
ଅହରହ କୁହୁଳୁଥିବା ସମୟ ଭିତରେ
ଲୁହ-ଝାଳ ଜଡ଼ସଡ଼ ମଣିଷଟି
ଘଣ୍ଟପାଟୁଆ ଭଳି ଆଗକୁ ବଢୁଛି...
କିଏ ? କିଏ ଏ ଲୁହାର ମଣିଷ ?
ଦୋକାନରୁ ବେକ ଗଳେଇ
ଧନୀ ଦାସ କହିଲା 'ଅଭ'
ଅଭି ଟ୍ରଲିବାଲା ।

ଅଭି କହେ - ଚକ ଗଡ଼ିଲେ
ଚୁଲି ଜଳିବ ଘରେ
ମାଇକିନା ଶାଢି ଖଣ୍ଡେରେ
ଲୁଚେଇବ ଦିହ,
ପାଚିଲା ତାଳ ବୁଢ଼ୀ ମାଆ
ନ ଖାଇଲେ ନ ଚଳେ ପ୍ରେସର ବଟିକା
ପିଲାଙ୍କର ପାଠ ପଢ଼ା
ତେଲ ଲୁଣ ଯାବତ ଜଞ୍ଜାଳ ।

ଏ ତାତି ଠାରୁ ପେଟ ତାତି
ଭାରି କଷ୍ଟ ବାବୁ,
ଗଧ ଚମଡ଼ା ପରି ଆମ ପିଠି
ଇସ୍ପାତ ଭଳି ଆମ ହାଡ଼,
ପଥର ପରି ଟାଣ୍ ଆମ ମୁଣ୍ଡ
ଟ୍ରଲି ଚକ ଗଡ଼ିଲେ ଘୁରୁଚି ପୃଥିବୀ
ଆମ ଝାଳ ବୋହିଲେ ଦିନରାତି ।

ହଠାତ୍ ଶୁଣିଲି 'ଅଭି' ଚାଲିଗଲା
ମୋ ଭିତରେ ଅଟକିଗଲି ମୁଁ
ମୋ ଆଖିରେ ଅନ୍ଧାର
ଅନ୍ଧାରରେ ଗୁମ୍‌ଖାଏ ଆକାଶ
ଆକାଶରେ ମେଞ୍ଚା ମେଞ୍ଚା ତାରା,
ତାରା ଦିହରେ ଖୋଜୁଥାଏ
'ଅଭି'ର ଉଜ୍ଜ୍ୱଳ ମୁହଁ,
ଲୁହ ନଦୀରେ ସନ୍ତରଣ କରୁଥାଏ
ମୋର ଏ ନଶ୍ୱର ଦିହ ।

❤ ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
(ମୋ): ୯୩୩୭୩୧୩୬୬୫



### ॥ ପରିଚୟ ॥

**● ମହେଶ୍ୱର ପଧାନ**

ତୁମ ସହ ଶେଷ ଦେଖା ପରେ ପରେ
ଅଟକି ଯାଇଛି ଚିନ୍ତା ଓ ଚେତନା
ତୁମ ଆଖିହଳକରେ,
ଜୀବନ ମୂର୍ତ୍ତି ପାଲଟି
ଠିଆ ହୋଇଛି ସେଇଠି
ନିର୍ବିକାର ମୁଦ୍ରାରେ ।

ରଙ୍ଗ ଛାଡ଼ି ଯାଉଥିବା ଡ୍ରେସ୍ ପରି
ଫିକା ଫିକା ଲାଗିଲାଣି ଜୀବନ,
କ୍ଷୀଣ ହୋଇ ବସିଲାଣି ସ୍ମୃତିଯେତେକ
ଯହିଁରେ କେବଳ ତମ ଅଧିକାର,
ଯାହା କେବଳ ମୋର ସନ୍ତକ।


କିନ୍ତୁ ଭୁଲିବାପଣ ଯେତେ ଯେତେ
ଗ୍ରାସୁଛି ମନରୁ ମସ୍ତିଷ୍କ
ଆତ୍ମାରୁ ଆଙ୍ଗିକ
ସେତେ ବେଶି ବେଶି
ମନେପଡୁଛ ତମେ ।

ଯଦି ଭବିଷ୍ୟତରେ
ମୁଁ ଭୁଲିଯାଏ ମୋର ସବୁକିଛି
ଦେଖେଇଦେବ ତମ ଆଖିହଳକ,
ମୁଁ ଫେରି ପାଇବି ଯେତକ
କେବଳ ସେତକ ହିଁ ହେବ
ମୋର ପ୍ରାପ୍ୟ ଓ ପରିଚୟ ।।

❤ ଧୂଲୁଣ୍ଡା, ୧୯ଖଣ୍ଡ ମୌଜା,
ଝାରସୁଗୁଡ଼ା
(ମୋ) ୯୦୭୮୯୩୧୫୨୨୧

### ଚୁନା ଚୁନା ଗୀତ

**ଡ. ରଜନୀ ରଂଜନ**



ପାହାନ୍ତି ପହର ତାରା,
ଶ୍ରାବଣର ମିଠା ଖରା ।
କାଗଜ ଡଙ୍ଗାର ଶୋକ,
ବଢନ୍ତା ନଈର ଭୋକ ।
ଅମାନିଆ ପିଲାଦିନ
ବାସ୍ନା ଚନ୍ଦନର ବଣ ।
ହରିଣୀ ଆଖିର ଚାହାଁ
ଭାନୁମତୀର ଗାଆଁ ।

ଅପଦେବତାର ଲୁହ
ବିଧାତାର ଅର୍ନ୍ତଦାହ ।
ଲକ୍ଷ୍ମଣର ତିନିଗାର
ଜହ୍ନର ଅଭିସାର ।
ପରଜାପତିର ପିଠି
ଅନ୍ଧାର ମେଘରାତି ।

❤ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

# ମୁଁ ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଦଉଚି ସଞ୍ଜୟ କୁମାର ମୁନା ଆଜି ଜୀବିତ, ଆଉ ସେଥିପାଇଁ ଈଶ୍ୱର ମୋ ଗପକୁ ମାଧମ କରିଛନ୍ତି ...

## ପ୍ରିୟ ପାଠକ-୧୨



**ବିୟତ୍ ପ୍ରଜ୍ଞା ତ୍ରିପାଠୀ**

ମୋ ଲେଖାର ଶ୍ରେଷ୍ଠ ପ୍ରଭାବ ୟାଠୁ ଆଉ ଅଧିକ କଣ ହେଇପାରେ ?

+ + +

ମୋର ଏଇ ପାଠକଙ୍କ ନାଁ ସଂଜୟ କୁମାର ମୁନା, ଡବଲ ଏମ.ଏ, ବି.ଏଡ୍, ଗ୍ରାଜୁଏଟ୍ ଟିଚର୍, ଆର୍ଟସ୍ ଢେଙ୍କିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ବରଗଡ଼ । ତାଙ୍କ ମୋବାଇଲ ନଂ ହେଉଛି - ୯୭୭୭୨୩୪୩୧୬ । ଅନ୍ୟ ପାଠକ ଜଣକ ହେଉଛନ୍ତି- ମାନସ ରଞ୍ଜନ ମହାନ୍ତି, ଡେପୁଟି ଏକଜୁକ୍ୟୁଟିଭ୍ ଇଞ୍ଜିନିୟର, ଇଲେକ୍ଟ୍ରିକାଲ, ତାଙ୍କ ମୋବାଇଲ ନଂ ହେଉଛି - ୯୪୩୭୦୩୮୮୫୫ ।

ମୁଁ ଆଜିକାଲି ଭୁବନେଶ୍ୱରରେ ଯେଉଁ ଘରେ ରୁହେ ସେତେବେଳକୁ ମୁଁ ସେଠିକି ଅଳ୍ପ କିଛି ମାସ ହେବ ସିଫ୍ଟ କରିଥାଏ । ଇଏ ବୋଧହୁଏ ଚାରି ବର୍ଷ ତଳର କଥା ହେବ । ଠିକ୍ କରୋନା ପୂର୍ବ କଥା । ଆମ ଇଲେକ୍ଟ୍ରିକ୍ ମିଟର ଯଉଟା ଗ୍ୟାରେଜରେ ଲାଗିଥାଏ ସେଇଟା ସ୍ପାର୍କ ହେଇ ଜଳିଗଲା । ତେଣୁ ମୁଁ ଆମ ଘର ପାଖ ଇଲେକ୍ଟ୍ରି ଅଫିସ, ଯଉଟା ସେତେବେଳେ ସୁନ୍ଦରପଦା ହାଟ ପାଖରେ ଥାଏ, ହୁଏତ ବୋଧହୁଏ ଏବେବି ସେଇଠି ଥିବ, ସେଇଠିକି କମ୍ପ୍ଲେନ୍ ଏବଂ ସାହାଯ୍ୟ ଉଭୟ ପାଇଁ ଯାଇଥିଲି । ସେ ଅଫିସ୍‌ରେ ପହଞ୍ଚ, ଯାହା ଘଟିଛି କହିଲି । ସେମାନେ କହିଲେ ଆପଣଙ୍କର କଷ୍ଟମର ଆଇଡିଟା ଦିଅନ୍ତୁ । ଏସବୁ ପାଇଁ କିନ୍ତୁ ସମୟ ଲାଗିବ । ମୁଁ କହିଲି କଷ୍ଟମର ଆଇଡି ମୋର ମନେନାହିଁ ଆଉ ସେଇଟା ମୁଁ ଟିପିକି ଆଣିନି, ଏଇନା ମୋ ପାଖେ ନାହିଁ । ଆପଣମାନେ ମୋ ନାଁଟାକୁ ଆପଣଙ୍କ ସିଷ୍ଟମରେ ଟାଇପ୍ କରନ୍ତୁ, ଘର ନମ୍ବର ଦେଲେ ମୁଁ ଭାବୁଚି ଆମେ କଷ୍ଟମର ଆଇଡିଟା ପାଇଯିବା ।

ସେଠି କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଥିବା ଲୋକଜଣକ ଈଷତ୍ କୁଣ୍ଠିତ ଗଳାରେ କହିଲେ ହଉ କୁହନ୍ତୁ । ତା' ପରେ ମୁଁ ମୋ ନାଁର ସ୍ପେଲିଙ୍ଗ କହିବା ଆରମ୍ଭ କଲି । ଯେହେତୁ ମୋ ନାଁଟା ଟିକେ କମନ ନୁହେଁ ଲୋକେ ତାର ବନାନ ଭୁଲଭାଲ୍ କରନ୍ତି, ବିଶେଷ କରି ଇଂରାଜୀରେ ।

ମୁଁ କହିଲି '**BIYOT** ତା ପରେ ସ୍ପେସ୍ **PROJNA**' ତା' ପରେ ସ୍ପେସ୍' ତା' ପରେ କହିଲି '**PROJNA**' ଟା ପ୍ରଜନା ପଢ଼ିବେନି ସେଇଟା ପ୍ରଜ୍ଞା । ମୁଁ ପ୍ରଜ୍ଞାକୁ ଏମିତି ଲେଖେ ।

ସାଙ୍ଗେ ସାଙ୍ଗେ ସେଠି ପାଖ ଚେୟାରରେ ଜଣେ ଲୋକ ବସିଥିଲେ, ସେ ପଚାରିଲେ 'ଆପଣ ବିୟତ୍ ପ୍ରଜ୍ଞା ତ୍ରିପାଠୀ । ମୁଁ କହିଲି 'ହଁ' । ତା'ପରେ ସେ ବହୁତ ଖୁସି ହେଇଯାଇ କହିଲେ 'ଆରେ ଆପଣ ! ମୁଁ ତ ଆପଣଙ୍କର ବହୁତ ଗପ ପଢ଼ିଛି । ଆପଣଙ୍କ ଗପ ମୋତେ ବହୁତ ଭଲ ଲାଗେ । ମୁଁ ଖୋଜି ଖୋଜି ପଢ଼େ । ମୋ ସ୍ତ୍ରୀବି ଆପଣଙ୍କର ଜଣେ ବଡ଼ ଫ୍ୟାନ୍ । ସେ ରେଲୱେଜରେ ଚାକିରୀ କରନ୍ତି । ଆପଣଙ୍କ ଗପ ମୋତେ ବହୁତ ଭଲ ଲାଗେ ।'

ତା' ପରେ ସେ ସେଇ ଟାଇପ୍ କରୁଥିବା ଲୋକଙ୍କୁ କହିଲେ ଉଠ୍ ମୁଁ ଦେଖୁଛି' ଏବଂ ନିଜେ ବସି ଟାଇପ୍ କରି କଣ ସବୁ ସେଥିରୁ ଡାଟା ବାହାର କରି ସାଙ୍ଗେ ସାଙ୍ଗେ ଯାହା କରିବା କଥା କରି ଦୁଇଘଣ୍ଟା ଭିତରେ ମୋ ଘରେ କେମିତି **electricity resore** ହେବ, ନୂଆ ମିଟର ଲାଗିବ ସବୁର ବ୍ୟବସ୍ଥା କଲେ । ତା' ପରେ କହିଲେ 'ମୋ ନମ୍ବର ରଖନ୍ତୁ, ଯେତେବେଳେ ଯାହା ଦରକାର ହେବ ମୋତେ ଫୋନ୍ କହିଦେବେ, ଅଫିସକୁ ଆସିବା ଦରକାର ନାହିଁ । ମୋ ନାଁ ମାନସ ରଞ୍ଜନ ମହାନ୍ତି, ମୁଁ ଏଠିକାର ଇଲେକ୍ଟ୍ରିକାଲ ଇଂଜିନିୟର । ଏଇଟା ମୋ ଅଫିସ୍ । ଗପ ଲେଖାରୁ ଆଉ କିଛି ମିଳୁ ନ ମିଳୁ ଏମିତି ଅନେକଥର ମୋର ଅଜ୍ଞାତ ପାଠକଙ୍କର ହଠାତ୍ ଅକୁଣ୍ଠିତ, ଶ୍ରଦ୍ଧା ଓ ସାହାଯ୍ୟ ମିଳିଚି । ପ୍ରଶଂସାର ଫର୍ଦ୍ଦ ଫର୍ଦ୍ଦ ଅନେକ ଚିଠି ପାଇଚି ଆଉ ପାଉଥିବି ।

ହେଲେ ଗୋଟେ ଘଟଣା ଯାହାକୁ ମୁଁ ଏଯାବତ୍ ମୋ ଜୀବନର ଶ୍ରେଷ୍ଠ ଲେଖକୀୟ ଅନୁଭବ ବୋଲି କହିବି । ତାହାହେଲା, ଚାରିବର୍ଷ ଖଣ୍ଡେ ତଳେ ଥରେ ମୋ ମୋବାଇଲରେ ଗୋଟେ ଫୋନ୍ ଆସିଲା ସେପଟୁ ଜଣେ ଭଦ୍ରଲୋକ ପଚାରିଥିଲେ 'ମ୍ୟାଡାମ୍, କିଏ ବିୟତ୍ ପ୍ରଜ୍ଞା ତ୍ରିପାଠୀ କହୁଛନ୍ତି ?

ମୁଁ କହିଲି 'ହଁ କହୁଚି ।'

ତା'ପରେ ସେପଟୁ ସେ ଲୋକଜଣକ ଯାହା କହିଲେ ମୁଁ ହଠାତ୍ କିଛି ବୁଝିପାରିଲିନି । ସେ କହିଲେ 'ମୁଁ ଯଦି ଆଜି ବଂଚିଚି ତେବେ ଆପଣଙ୍କ ପାଇଁ ।

ମୁଁ କିଛି ବୁଝିପାରିଲିନି । ମୁଁ କହିଲି 'ଆପଣ ମୋ ହଜ୍‌ବେଣ୍ଡଙ୍କ କଥା କହୁଛନ୍ତି ବୋଧହୁଏ ।' କାରଣ ମୋ ହଜ୍‌ବେଣ୍ଡ ଡାକ୍ତର । ସେ କହିଲେ 'ନାଁ ମ୍ୟାଡାମ୍, ଆପଣଙ୍କ କଥା କହୁଚି । ଆପଣଙ୍କ ଗପ ପଢ଼ି ମୁଁ ବଂଚିଚି । ତା'ପରେ ସେ ଭଦ୍ରଲୋକ ଯାହା କହିଲେ ସେ କଥାଟା ଏଇମିତି ଯେ, ଆଜିବି ଦଶବର୍ଷ ଖଣ୍ଡେ ତଳେ, 'କଥା' ପତ୍ରିକାରେ ମୋର ଗୋଟେ ଗପ ବାହାରିଥିଲ । ଅନେକଟା ଭଲପାଇବା ପରି ତାରି କଥା ଯଉ ଗପଟା ଏବେ ମୋର 'ସିଗାରେଟ ଓ ସିନେମା' ଗଳ୍ପ ସଂକଳନରେ ଅଛି । ଏଇ ଭଦ୍ରଲୋକ ଜଣଙ୍କର ସେତେବେଳେ ଗୋଟେ ଭଲପାଇବାର ସମ୍ପର୍କ ସଦ୍ୟ ଭାଙ୍ଗିଯାଇଥାଏ । ଯାହାକୁ ଗ୍ରହଣ କରିବା ତାଙ୍କ ପକ୍ଷେ ଅସମ୍ଭବ ଥିଲା । ସେ ସମ୍ପର୍କ ସରିଗଲାରୁ ତାଙ୍କୁ ଲାଗୁଥାଏ ଯେମିତି ଜୀବନ ସରିଗଲା । ସେ ବହୁତ ମାନସିକ କଷ୍ଟ ଦେଇ ଯାଉଥାଆନ୍ତି । ସେତେବେଳକୁ ଏସବୁ ମୁକ୍ତି ପାଇବା ପାଇଁ ସେ ଆତ୍ମହତ୍ୟା କରିଦେବାର ସମସ୍ତ ଯୋଗାଡ଼ଯନ୍ତ୍ର କରି ସାରିଥାଆନ୍ତି । କଉଠି କରିବେ, କେମିତି କରିବେ, କେତେବେଳେ କରିବେ ସବୁ ସ୍ଥିର କରି ସାରିଥାନ୍ତି କେବଳ ଘଣ୍ଟେ ଦୁଇଘଣ୍ଟା ଭିତରେ ପ୍ରକୃଷ୍ଟ ସମୟକୁ ଅପେକ୍ଷା । ଏଇମିତି ମୃତ୍ୟୁକୁ ଅପେକ୍ଷା କରି ମନ ଭିତରେ ଛଟପଟ ହେଉଥିଲା ବେଳେ ସକାଳେ ଖବରକାଗଜ ସାଙ୍ଗରେ ହକର କଥା ସାହିତ୍ୟ ପତ୍ରିକା ଦେଇଗଲା । ଯେହେତୁ ଲେଖା ପଢ଼ାର ମଣିଷ, ଲେଖାପଢ଼ାକୁ ବହୁତ ଭଲ ପାଆନ୍ତି ତେଣୁ ଅଭ୍ୟାସ ବଶତଃ ସେ 'କଥା' ପତ୍ରିକାଟାକୁ ଓଲଟେଇଲେ ଓ ସେଥିରେ ମୋର ଯେଉଁ ଗପ ବାହାରିଥିଲା 'ଅନେକଟା ଭଲପାଇବା ପରି' ତା'ର ଶୀର୍ଷକରେ ଆକୃଷ୍ଟ ହେଇ ତାକୁ ପଢ଼ିଲେ । ସେ ଗପ ପଢ଼ିବାରେ ସେ ଭଦ୍ରଲୋକ ଭଲ ପାଇବାର ଅନ୍ୟ ଏକ ଦୃଷ୍ଟିକୋଣକୁ ଆବିଷ୍କାର କଲେ ଯେ 'ଭଲ ପାଇବାଟା ସବୁବେଳେ ଗୌରବ ।' ସେ ବୁଝିଲେ ଯେ ସମ୍ପର୍କ ସରିଗଲେ ବି ଭଲ ପାଇବା ସରେନି । ଜୀବନ ସୁନ୍ଦର କରି ଭଲପାଇବାକୁ ଗୌରବ ମନେକରି ବଂଚିବା ପାଇଁ ସ୍ଥିର କଲେ । ତାଙ୍କର କୁଆଡେ ଜୀବନକୁ ଦେଖିବାର ଦୃଷ୍ଟିଭଙ୍ଗୀ ସେଇଦିନଠୁ ବଦଳିଗଲା । ସେ ଏବେ କବିତା ବି ଲେଖନ୍ତି, ଖୁବ୍ ପଢ଼ାପଢ଼ି କରନ୍ତି । ମୋର 'କଥା'ରେ ସଦ୍ୟ ବାହାରିଥିବା ଗପ 'ଧଳା ଘୋଡ଼ା କଳା ଘୋଡ଼ା' ପଢ଼ି ଲେଖିଥିଲେ 'ଚମତ୍କାର... । ଆପଣଙ୍କ ଗପ ପଢ଼ିଲେ ସବୁ ପାପବୋଧ ହୃଦୟରୁ ସଫା ହେଲାଯାଏ, କନଫେସ୍ ପରେ ଯେମିତି ସବୁ ପାପ ଧୋଇ ଦେଇଚନ୍ତି । ଆପଣଙ୍କ ବିଚାର ମୋ ପାଇଁ ଏକ ନୂଆ ବେଦ, ବାଇବେଲ୍ ଓ ଗୀତା ।'

ମୋ ଲେଖାର ଶ୍ରେଷ୍ଠ ପ୍ରଭାବ ୟାଠୁ ଆଉ ଅଧିକ କଣ ହେଇପାରେ ? ମୋ ପାଇଁ ଶ୍ରେଷ୍ଠ ଅନୁଭୂତି ୟାଠୁ ଆଉ ଅଧିକ କଣ ହୋଇପାରେ ? ମୋର ଶ୍ରେଷ୍ଠ ପାଠକ ୟାଙ୍କଠୁ କଣ ଅଧିକା ଆଉ କେହି ହେଇପାରେ ? 'କଥା' ପତ୍ରିକାକୁ ଧନ୍ୟବାଦ ଦେବି ଯେ ଓଡ଼ିଶାର ପ୍ରତ୍ୟେକ ଜାଗାରେ ସେଇଟା ଲୋକଙ୍କ ପାଖେ ପହୁଞ୍ଚୁଚି ଏବଂ ମୋ ଲେଖା ଛାପୁଥିବାରୁ । ମୋର ଏଇ ପାଠକଙ୍କ ନାଁ ସଂଜୟ କୁମାର ମୁନା, ଡବଲ ଏମ.ଏ, ବି.ଏଡ୍, ଗ୍ରାଜୁଏଟ୍ ଟିଚର୍, ଆର୍ଟସ୍ ଢେଙ୍କିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ବରଗଡ଼ । ତାଙ୍କ ମୋବାଇଲ ନଂ ହେଉଛି - ୯୭୭୭୨୩୪୩୧୬ । ଅନ୍ୟ ପାଠକ ଜଣକ ହେଉଛନ୍ତି- ମାନସ ରଞ୍ଜନ ମହାନ୍ତି, ଡେପୁଟି ଏକଜୁକ୍ୟୁଟିଭ୍ ଇଞ୍ଜିନିୟର, ଇଲେକ୍ଟ୍ରିକାଲ, ତାଙ୍କ ମୋବାଇଲ ନଂ ହେଉଛି - ୯୪୩୭୦୩୮୮୫୫ ।

ସେଦିନ ସଞ୍ଜୟ କୁମାର ମୁନାଙ୍କଠୁ ଫୋନ ପାଇଲା ପରେ ସାରାଦିନ ମୋ ମନ ଖରାପ ହେଲା । କଉଥିରେ ମନ ଲାଗିଲାନି । ଖାଲି ମନକୁ ଆସୁଥିଲା ଯଦି କୌଣସି କାରଣ ବଶତଃ



## ପ୍ରିୟ ପାଠକ


ସେ ହକର 'କଥା' ପତ୍ରିକାଟା ତାଙ୍କୁ ଦେବା ଡେରି କରିଦେଇଥାନ୍ତା, କିମ୍ବା ଯଦି ସେ ମାସ 'କଥା'ରେ ମୋର ସେ ଗପ 'ଅନେକଟା ଭଲ ପାଇବା ପରି' ବାହାରି ନଥାନ୍ତା, ତେବେ କଣ ସଞ୍ଜୟ କୁମାର ମୁନା ମରିଯାଇଥାନ୍ତା ? ଆଉ ଲୋକଟା ନଥାନ୍ତା ? ଉଃ ... କି ବ୍ୟସ୍ତ ଲାଗେ ଏକଥା ମନକୁ ଆସିଲେ ! ପୁଣି କି ଆରାମ ଲାଗେ ଏକଥା ଭାବି ଯେ ଯାହା ହବା କଥା ସବୁ ଠିକ୍ ହେଇଛି, ଠିକ୍ ସମୟରେ ହେଇଚି । ମୁଁ ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଦଉଚି ସଞ୍ଜୟ କୁମାର ମୁନା ଆଜି ଜୀବିତ ଆଉ ସେଥିପାଇଁ ଈଶ୍ୱର ମୋ ଗପକୁ ମାଧମ କରିଛନ୍ତି । ଅଦ୍ଭୁତ ଏ ସଂସାର, ଅଦ୍ଭୁତ ମଣିଷର ଭାଗ୍ୟ ଆଉ ବ୍ୟବହାର । ♥

(ମୋ) ୯୩୩୪୮୧୪୭୫୧

---

## ଗୋଟେ ଗଳ୍ପ

# ହେଲା



**ଇଂ.ବିଦ୍ୟାଧର ପଣ୍ଡା**

ସେଦିନ ଗୋପାଳ ମର୍ଣ୍ଣିଂୱାକ୍‌ରେ ଗୀତା ପଛେପଛେ ଯାଉଯାଉ ନିଜର ଅସ୍ତିତ୍ୱ ବି ଭୁଲି ଯାଇଥିଲା । ଏକଥା ବି ଭୁଲିଗଲା କି ସିଏ ଗୋଟିଏ ନୁହେଁ ଦୁଇ ଦୁଇଟା ବଢ଼ିଲା ଝିଅର ବାପା । ତା ଘରେ ତାର ଦରବୁଢ଼ୀ ସ୍ତ୍ରୀ ଏବଂ ପୂରା ଘର ସଂସାର ଅଛି । ଗୀତା ପଛକୁଫେରି ନ ଚାହିଁଲେ ବି ଜାଣି ପାରୁଥିଲା କେହି ଜଣେ ତା ପଛେପଛେ ଅଳପ ବ୍ୟବଧାନରେ ପଛରୁ ଚାଲିଚାଲି ଆସୁଛି । ସିଏ ଦୂରତା ରକ୍ଷା କରିବାକୁ ଚାହୁଁଥିଲା । ହେଲେ ନିଜର ଚାଲିବାବେଗକୁ ବଢାଇ ଯୋରରେ ଚାଲି ବହୁତ ଆଗକୁ ଯିବାଟା ତା ପକ୍ଷରେ ସମ୍ଭବ ନଥିବାରୁ, ଗୋପାଳର ପଛପଟକୁ ଚାଲିଯିବା ପାଇଁ ମନସ୍ଥ କଲା । ତା ପାଦ ଆପେଆପେ ଧିମେଇ ଗଲା । ଗୀତାର ସୁଢଳ ସୁନ୍ଦର ଶରୀରର ଅନୁମାନ ପଛପଟରୁ କଟି, ପିଠି ଏବଂ ଚାଲିର ପ୍ରକ୍ରିୟାରୁ ଲକ୍ଷ୍ୟ କରି ଗୋପାଳ ଭଲରେ ଠଉରେଇ ପାରିଥିଲା । ତେଣୁ ଗୋପାଳ ଚାହୁଁଥିଲା ଆଉ କିଛିବାଟ ତା'ପଛେପଛେ ସେମିତି ଯିବାକୁ ଯେ କିନ୍ତୁ ଆଉ କେତେ ଧିରେ ଚାଲିବ ! ଶେଷରେ କିଂକର୍ତ୍ତବ୍ୟବିମୂଢ ହୋଇ ସେ ଗୀତାକୁ ଅତିକ୍ରମ କରି ନିଜର ଅନିଚ୍ଛା ସତ୍ୱେ ବି ତା'ଆଗକୁ ଯିବାକୁ ବାଧ୍ୟ ହେଲା । ସେହି ଅତିକ୍ରମ କରିବାର କେଇନିମିଷ ସମୟ ବ୍ୟବଧାନ ଭିତରେ ଦୁହେଁ ପାଖାପାଖି ହେବାର ଏକ ମୃଦୁ୍ୟ ଅନୁଭବର ଆଭାସ ହେଲା ଦୁହିଁଙ୍କୁ । ଗୀତାର ବୟସ ପଚିଶ ଭିତରେ ଏବଂ ଗୋପାଳର ବୟସ ପଚାଶ ଉପରେ । ଏମିତି ଅନୁଭୁତ ହେବାଟା ଏକ ବ୍ୟତିକ୍ରମ କୁହାଯାଇପାରେ । କିନ୍ତୁ ସେହିଦିନ ଠାରୁ ଗୋପାଳ ପ୍ରତ୍ୟେହ ଠିକ୍ ଭୋର ପାଂଚ ଘଟିକା ସତର ମିନିଟରେ ସେଇ ଏକା ସମୟରେ ସେମିତି ଗୀତାକୁ ସେଇଠି ଅତିକ୍ରମ କରେ, ଏବଂ ଦିନ କେଇଟା ଭିତରେ ଦୁହେଁ ଏବେ ଦୁହିଁଙ୍କୁ ଚାହିଁଚାହିଁ ସ୍ମିତହାସ୍ୟର ଆଦାନପ୍ରଦାନ ବି କଲେଣି । ଗୋପାଳ ଭରସିକି ଗୀତାକୁ କିଛି ପଚାରି ପାରୁନି ବୋଲି ଗୀତାର ହୃଦ୍‌ବୋଧ ହେବାରୁ ଗୀତା ଦିନେ ତା'ଆଡୁ ଗୋପାଳକୁ ତା' ବିଷୟରେ, ତା' ଘରପରିବାର ବିଷୟରେ ଗପସପ ହୋଇ ଦୁହେଁ ପାଖାପାଖି କିଛିବାଟ ଚାଲିଗଲେ । ପଛରୁ ବଡଗାଡି ଆସୁଥିଲେ ରାସ୍ତାକଡକୁ ଘୁଂଚିଆସିବା ଭିତରେ ଅଜାଣତରେ ଦୁହିଁଙ୍କ କାନ୍ଧ କେତେବେଳେ କେମିତି ପରସ୍ପର ସହ ବାଜିଯାଏ । ଏଇସବୁ କୁ ନେଇ ଅଳ୍ପ କିଛିଦିନ ଭିତରେ ଦୁହିଁଙ୍କ ବନ୍ଧୁତା ଆସ୍ତେଆସ୍ତେ ବଢ଼ିବାକୁ ଲାଗିଲାଣି ।

ହଠାତ ଦିନେ ଗୀତା ରାସ୍ତାରୁ ଗାୟେବ । ନିୟମିତ ଚାଲୁଥିବା ଝିଅଟା ଚାଲିବାକୁ ଆସିଲାନି । ଗୋପାଳକୁ ଦିନସାରା ସେଦିନ ଆଉ କିଛି ଭଲଲାଗୁନି । ତା'ପରଦିନ ବି ସେଇ ଏକା କଥାର ପୁନାରାବୃର୍ତ୍ତି । ଆଛା କଥା । ରହିଲା ତ ରହିଲା, କିଛି ନାହିଁ. ହେଲେ କହିକି ରହିବା କଥା ନା । ପୁରା ପାଂଚଦିନ ପରେ ଗୀତା ଠିକ୍ ସେଇ ସମୟ ସାରଣୀ ଆନୁସାରେ ସେଇ ଜାଗାରେ ଆସି ପହଁଚିଲା । ଗୋପାଳ ତା' ଉପରେ ନାରାଜ । କିଛି ସମୟ ସ୍ତବ୍ଧ ରହିବା ପରେ ନିରବତା ଭଙ୍ଗ କରି ଗୋପାଳ ପଚାରିଲା,

- ଏତେଦିନ ତୁମେ କୁଆଡେ ଗଲ ?
- ମୋର ଅସୁବିଧା ହୋଇଥିଲା ?
- କି ଅସୁବିଧା ମ ?
- ମୋ ଦେହ ଭଲ ନ ଥିଲା ?
- କ'ଣ ହୋଇଥିଲା ? ଜର ନା ଝାଡା ?
- ନା ସେମିତି କିଛି ନୁହେଁ । ଏଇଟା ଏଡେ ବୋକା ?
- କ'ଣ ଗୁଣୁଗୁଣେଇ ହେଉଛ ?
- ନା କିଛି ନାହିଁ ?
- ଏବେ ତୁମ ଦେହ ପୁରା ଭଲ ତ ?
- ହଁ ! ଏବେ ସବୁ ଠିକ୍‌ଠାକ୍ । କିଛି ଅସୁବିଧା ନାହିଁ ? ଆଜି ମୁଁ ସେ ମନ୍ଦିର ବାଙ୍କ ପର୍ଯ୍ୟନ୍ତ ଯାଇ ପାରିବିନି । ପାଂଚଦିନ ପରେ ଆଜି ଆସୁଛି ତ, ତେଣୁ ଗୋଡ ପୁଟିଆ ପେଣ୍ଡାଗୁଡା କାଟୁଛି ।
- ହଉ ହଉ ହେଲା ଯେଉଁଠୁ କହିବ ଫେରି ଆସିବା । ମୁଁ ତ ଏଇ ଚାଲିକି ଯିବା ପରେ ଟିକେ ଜିମ୍ କରେ । ମୋର ସଅଳ ଫେରିଗଲେ ଚଳିବ ।

ଗୀତାର ବିବାହ ସମ୍ପର୍ଣ୍ଣ ହେବା ମାତ୍ର ଛଅମାସ ହେବ । ସ୍ୱାମୀ ଗାଣ୍ଡୁ ପ୍ରତିରକ୍ଷା ବିଭାଗରେ ସୈନିକ ପଦବୀରେ କାମ କରେ । ବାହାଘର ପରେ ତିନିମାସ ଛୁଟିରେ ରହି ଯାଇଥିଲା । ଚାରିମାସ ହେଲା ଜୟେନ୍‌କରିବାକୁ ଜାମ୍ମୁ ଯାଇଛି ଯେ ପ୍ରତି ସପ୍ତାହରେ ଘରକୁ ଫୋନ୍‌କରେ । ଫୋନ୍‌ରେ ଶାଶୂଶଶୁର ସାଙ୍ଗରେ ଗପୁଗପୁ ବେଳ ସରିଯାଏ, ଗୀତା ବେଳକୁ ଖାଲି ଦିପଦ କଥାହୋଇ ଫୋନ୍ କାଟିଦିଏ । ଗୀତା ମନ ମାନେନା, କିନ୍ତୁ ଶାଶୂଶଶୁରଙ୍କ ଆଗରେ କଣ ବା କରିପାରିବ ! ସମସ୍ତଙ୍କ ପାଇଁ ସେଇ ଗୋଟିଏ ମୋବାଇଲ୍ । ଏଥର ଗାଣ୍ଡୁ କହିଛି ଆସିଲା ବେଳେ ଦିଲ୍ଲୀରୁ ଗୀତା ପାଇଁ ଗୋଟିଏ ଆଣ୍ଡ୍ରୟେଡ୍ ସେଟ୍ ନୂଆ ମଡେଲର ନୂଆ ମୋବାଇଲ୍ କିଣିନେଇ ଆସିବ । ସେଇଟା ହାତ ଚଢିଲେ ଯେତେବେଳେ ଇଚ୍ଛା ଯାହାକୁ ସିଏ ଭିଡିଓ କଲ୍ ବି କରିପାରିବ । ହ୍ୱାଟସ୍‌ଅପ୍ ଚାଟିଂଚୁଟିଂ ବି କରି ମନ ଖୁସି କରିବ । ଭରାଯୌବନର ବୋଝ ମୁଣ୍ଡରେ ମୁଣ୍ଡେଇ ଗୀତା ସକାଳୁସକାଳୁ ଗାଣ୍ଡୁକୁ ବହୁତ ମିସ୍ କରେ । ଶୀତଦିନ ସକାଳଟା ବି ନୂଆନୂଆ କନିଆଁଙ୍କ ପାଇଁ ବଡ କଷ୍ଟଦାୟକ । ଗାଣ୍ଡୁ କୋଉ ବୁଝିଲା, ସିଏ ଥରଟିଏ ଭାବିଲାନି ଯେ ମୋ ଅବର୍ତମାନରେ ଗୀତା କଣ କେମିତି ନିଜକୁ ସମ୍ଭାଳିବ ! ଛାଡ ପୁଅପିଲା ଗୁଡା ସବୁ ସେଇ କାଟର । ମନ ବୁଝିବେନି । ସେଥିପାଇଁ ବିଛଣାରେ ଏକାଏକା ଛଟପଟ ହେବା ଅପେକ୍ଷା ଚାଲିବାକୁ ରାଜରାସ୍ତାକୁ ବାହାରିଆସେ । ଗୋପାଳ ଦେଖାହେବା ଦିନରୁ ସେ ଆଉ ମର୍ଣ୍ଣିଂୱାକ୍ ମିସ୍ କରିବାର ନାଁ ନେଉନାହିଁ । ହେଲେ ପିରିୟଡ୍ ପାଂଚଦିନ କେମିତି ଆସିବ ? ଗୋପାଳ ବି ଛୁଆପିଲାଙ୍କୁ ଛାଡି ରାଣୀଗୁଡାରେ ଏକାଏକା ରହେ । ସଲପଗଛର ରସ ଦିଢୋକ ଟଂଟିନଲିର ସେ ତ୍ରିଭୂଜାକାର ଘଂଟିକା ପଛକୁ ଡେଇଁ ପେଟକୁ ଗଲାପରେ ଏବେ ଆଉ ସ୍ତ୍ରୀ ନୁହେଁ ଖାଲି ଗୀତାର ମୁହଁ ଗୋପାଳକୁ ଦେଖାଯାଉଛି । କଥାବାର୍ତାରୁ ଗୀତା ଗୋଟିଏ ଭଲ ସଂସ୍କାରୀ ଝିଅପରି ଲାଗୁଛି । ତେଣୁ ତା'କୁ ମନକଥା ଖୋଲି କିଛି କହି ପାରୁନି । ଗୀତାର ବି ଶାଶୂଶଶୁର ସାଇପଡିଶା ଭିତରେ ଏ ମର୍ଣ୍ଣିଂୱାକ୍‌ର ବୁଢାସାଙ୍ଗଟାକୁ କେହି ଚିହ୍ନନ୍ତିନି । ଗୀତାବି ଗୋପାଳର ଟିକେ ନିକଟତର ହେବାକୁ ମନେମନେ ଚାହିଁଲେ ବି ଉଚିତ୍ ସମୟ ସୁଯୋଗ ପାଉନାହିଁ । ସେଇ ମର୍ଣ୍ଣିଂୱାକ୍ କରିବା ଭିତରେ କାନ୍ଧ ବାଜିଯିବା ସହ ଏବେ ହାତପାପୁଲି ବି ବେଳେବେଳେ ଦିହିଁକି ଦିହେଁ ବାଡାବାଡି ହେଲେଣି । କିନ୍ତୁ ବାଜିଗଲା ପରେ ଦୁହେଁ ଦୁହିଁଙ୍କୁ କ୍ଷୀଣସ୍ୱରରେ ସରି ବୋଲି କହୁଛନ୍ତି । ଏମିତି ବା କେତେଦିନ ଆଉ ଚାଲନ୍ତା ! ଦିନେ ଗୋପାଳ ଗୀତାକୁ କହିଲା,- ଏବେ ଖରାଦିନ ଆସିଗଲାଣି । ପାଂଚ କିମ୍ବା ସାଢେ ପାଂଚଘଟିକା ପରେ ସୂର୍ଯ୍ୟ ଉଇଁ ଚାଳ ଉପରକୁ ଉଠିଯାଉଛନ୍ତି । ମର୍ଣ୍ଣିଂୱାକ୍‌ର ଅସଲି ମଜା ସୂର୍ଯ୍ୟୋଦୟ ପୂର୍ବରୁ, ନା ତୁମେ କଣ କହୁଛ ! ଆଗରୁ ଶୀତଦିନେ ଏଇ ସମୟ ଠିକ୍ ଥିଲା । ଏବେ ଆଉ ସେ ଆନନ୍ଦ ଆସୁନି । ଅଧଘଂଟା ପୂର୍ବରୁ ଆସିଲେ ହୁଅନ୍ତାନି ? ଗୀତା ଅତି ସନ୍ତର୍ପଣ ସହକାରେ କହିଲା,

- ଅନ୍ଧାରକୁ ମୋତେ ଟିକେ ଡର । ଆଜିକାଲି ରାସ୍ତାଘାଟକୁ କୋଉ ବିଶ୍ୱାସ ! ଯଦି ମୋତେ କିଏ ଟେକିନେଲା ? ତୁମେ ଯଦି ଆସିବ, ମୁଁ ଆସିବି ।

ଗୀତା ମୁହଁରୁ ଏକଥା ପଦକ ଶୁଣି ଗୋପାଳର ମନ ଆନନ୍ଦରେ ନାଚିଗଲା । ସେ ଗୀତାର ଏ କଥାକୁ ବିଶ୍ୱାସ କରି ପାରିଲାନି । କିଛି କ୍ଷଣପରେ କହିଲା, - କି କଥା କହୁଛ ? ତୁମକୁ ଏକା ଅନ୍ଧାର ପହରୁ ଘରୁଡାକି ମୁଁ କେମିତି ବିଛଣାରେ ଶୋଇ ରହିବି ଯେ ! ତୁମେ ଆସିଲେ ମୁଁ ନିଶ୍ଚିତ ଆସିବାକୁ ବାଧ ହେବି । ଗୋଟେ କଥା କହିବି ଗୀତା, ତୁମେ ଖରାପ ଭାବିବନି ?

- କ'ଣ କୁହ, ଖରାପ ଭାବିବା କଥା ନହୋଇଥିଲେ ମୁଁ କାହିଁକି ଖରାପ ଭାବିବି ?
- ମୋତେ ଲାଗୁଛି ଆମ ଭିତରେ ଆର ଜନ୍ମରେ କିଛି ନା କିଛି ଗୋଟାଏ ନିବିଡ ସମ୍ପର୍କ ଥିଲା । କାରଣ ମୁଁ ତୁମକୁ ଦେଖିଲା ପରେ ମୋତେ କେମିତି ଗୋଟେ ଆପଣାପଣର ଅନୁଭବ ହେଉଛି । ମୁଁ ତୁମକୁ କିପରି ଲାଗୁଛି ?
- ତୁମେ ବି ମୋତେ କେହି ଆପଣାର ଜଣେ ପରି ଲାଗୁଛ । ମୋ ସ୍ୱାମୀ ବି ବହୁତ ଭଲ । ସିଏ ଆସୁଆସୁ ଆହୁରି ମାସେ ଉପରେ ଲାଗିବ । ବାହାଘରର ମାତ୍ର ଦେଢମାସ ପରେ ମୋତେ ଏକା ଏଠି ଛାଡିଦେଇ କାମକୁ ଚାଲିଗଲେ ଯେ ମନଟା ଭଲ ରହୁନଥିଲା । ଫୋନ୍‌ରେ ବି ଘରସଂସାର ଭିତରେ ରହି ମୁଁ ତାଙ୍କ ସାଙ୍ଗରେ ମନଖୋଲା କଥା ଦିପଦ ବି ହୋଇ ପାରୁନି । ତୁମ ସାଙ୍ଗରେ ଏବେ ଏଇ ସକାଳୁସକାଳୁ ଚାଲି ଫେରିବା ପରେ ଟିକେ ମନ ଭଲ ଏବଂ ହାଲୁକା ଲାଗୁଛି । ତୁମେ ମୋତେ ବହୁତ ଭଲ ଲାଗୁଛ । ଛାଡ, ଏସବୁ ନିଜି କଥା, କାଲି ତେବେ ଏଇଠି ଠିକ୍ ଚାରିଘଟିକା ଚାଳିଶ ମନିଟ୍‌ରେ ଦୁହେଁ ଦେଖାହେବା ।

ଗୋପାଳ ଆଖିକୁ ଆଉ ରାତିସାରା ଜମାରୁ ନିଦ ନାହିଁ । ଟିକିଏ ଛାଇନିଦ ମାଡିଆସିଲାରୁ ଗୋପାଳ ସ୍ୱପ୍ନରେ ଦେଖୁଛି,

- "ଗୋପାଳ ଓ ଗୀତା ରାସ୍ତାକଡ ଘଂଚଜଙ୍ଗଲର ଗୋଟେ ଅଣଓସାରିଆ ଚଲାରାସ୍ତାରେ ଡକାଡକି ହୋଇ କିଛିବାଟ ଭିତରକୁ ପଶି ଗୋଟେ ସମତଳ ବିରାଟ ଚଟ୍ଟାଣପଥର ଉପରେ ପାଖାପାଖି ବସି ଯାଇଛନ୍ତି । କଥା ହେଉହେଉ ଗୋପାଳ ଗୀତା କାନ୍ଧଉପରେ ତା'ହାତ ରଖିଛି । ଗୀତା ବି ଅସହଜ ନହୋଇ ଗୋପାଳ ଆଡକୁ ବକ୍ଷୋଜ ବଢେଇ ଢଳି ପଡିଛି । ତା'ପରେ ଗୀତାର ଗୋରା ତକତକ ରୂପା ପାଉଁଜି ପିନ୍ଧା ପାଦଦୁଇଟା ଉପରେ ଗୋପାଳର ନଜର ଲାଖି ଯାଇଛି । ସତରେ ଗୀତାର ଏଇ ପାଦରୁ ତାର ଶରୀରର ରଙ୍ଗ ଓ ଗଢଣ ବିଷୟରେ ସବୁକିଛି ଅନୁମାନ କରିହେଉଛି । ମନେମନେ ଭାବୁଛି- ସତରେ, ତା ସ୍ୱାମୀଟା କେଡେ ଭାଗ୍ୟବାନ୍ । ହେଲେ ଏଭଳି ସ୍ତ୍ରୀକୁ ବାହାହୋଇ ଦେଢମାସରେ ଏକାଏକା ଛାଡି କାମକୁ ଚାଲିଯିବାଟା ସୁନ୍ଦର ହେଲାନି । ସିଏ କଣ ବାହାହୋଇ ତା ହାତ ଧରି ତା ଘରକୁ ଆସିଥିଲା ତା ବୁଢାବାପା ଓ ବୁଢୀମା'ର ପାଦସେବା କରିବାକୁ । ତାର ବି ଗୋଟେ ମନ ଅଛି ! ସିଏ ତ ମାଲ୍ ଫାଲ୍ ପିଇ ରହିଯାଉଛି, ହେଲେ ଏଣେ ଗୀତା ଭରା ଯୌବନର କଷ୍ଟ କେମିତି ସହିବ ! ଏକଥା ସବୁ ଦାଣ୍ଡକୁ ମୋଟରୁ ଭଲ ଦିଶୁନି । ଏଇ ଭିତରେ ଗୋପାଳ ପାଦର ଗୋଇଠି ଦୁଇଟା ଚଟାଣ ପଥର ଉପରେ ଆଗପଛ ହୋଇ ଗୀତାର ପରଶ ପାଇଁ ଘୋଷାରି ହେଉଛନ୍ତି । ସେମାନେ ଦୁହେଁ ଉଲ୍ଲସିତ ଅବସ୍ଥାରେ କେତେ ସବୁ ମଜାମଜା କଥା ବି ହେଉଛନ୍ତି ଏବଂ ଶେଷରେ ଦୁହେଁ ଦୁହିଁଙ୍କୁ ଆଲିଙ୍ଗନ ବି କରିଛନ୍ତି । ଦୁହିଁଙ୍କର ଆନନ୍ଦର ସୀମା ରହୁନାହିଁ । ପରିଶେଷରେ ଦୁହେଁ ଦୁହିଁଙ୍କ ଉପରେ ହାତଗୋଡ ଲଦାଲଦି ହୋଇ ସେଇଠି ଶୋଇପଡୁଛନ୍ତି । ତାପରେ ଗୋପାଳ ତା ଆଣ୍ଠୁକୁ ଧିରେଧିରେ ଗୀତାର କୋଳଆଡକୁ ବଢାଉଛି । ଏବେ ବି ଅନ୍ଧାର କିଛିଟା ମାତ୍ରାରେ ବାକି ଅଛି, ଗୋପାଳର ଏବେ ଏଇଠି ଗୀତାକୁ ପ୍ରଣୟ ନିବେଦନ କରି ନିଜର ମନୋସ୍କାମନା ପୂରା କରିବାରେ ଇଚ୍ଛା ।"

ଠିକ୍ ଏଇ ଘଡିସନ୍ଧି ମୁହୂର୍ତରେ ହଠାତ୍ ଟଣ୍‌ଟଣ୍ କରି ଆଲାରାମ୍ ଘଂଟି ବାଜି ଉଠିବାରୁ ଗୋପାଳର ନିଦଟା ଚହଁକିନା ଭାଙ୍ଗିଗଲା । ବିଚରା ଗୋପାଳ ମୋବାଇଲ୍‌କୁ ଯାଚ୍ଛାତା ଗୁଡାଏ ଏଣୁତେଣୁ ସୋଧି ପକେଇ ଫ୍ରେସ୍ ହେବାକୁ ତରବର ହୋଇ ଗାଧୁଆ ଘରକୁ ପଶିଗଲା । ନିତ୍ୟକର୍ମ ସାରି ଦଶମିନିଟ୍ ଆଗରୁ କଥା ଦେଇଥିବା ସେଇ ଜାଗାରେ ଯାଇ ହାଜର । ମା କଂଟାବଉଁଶୁଣୀଙ୍କୁ ଜୁହାର କରି ଗୁହାରି କରୁଥାଏ, ଦେଖିଥିବା ସ୍ୱପ୍ନତକ ସତ ହୋଇଯାଆନ୍ତା କି । ଯଦି ହେଲା ତୋ ପାଖରେ ଗୋଟିଏ ନୁହେଁ ଯାଉଁଳି ପାରାବଳି ଚଢେଇବି ।

ଗୀତା ବି ମନେମନେ କିଛିଟା ନିକଟତର ହେବ ବୋଲି ଭାବିଛି, କିନ୍ତୁ ଗୋପାଳ ପରି ଏତେଟା ଆଗକୁ ନୁହେଁ । ସିଏ ଖାଲି ସ୍ୱାମୀଠାରୁ ଦୂରରେ ଅଛି ବୋଲି ଗୋଟେ ପୁଅସାଙ୍ଗରେ କିଛିଟା ଅନ୍ତରଙ୍ଗ ମୁହୂର୍ତ ବିତାଇ ଗପସପ ହୋଇ ମାନସିକ ଶାନ୍ତି ଚାହେଁ । ତା ହିସାବରେ ଆଲିଙ୍ଗନଟି ହେଲା ତା ପାଇଁ ଶେଷ ସୀମା । ତା' ଠାରୁ ଅଧିକ କଦାପି କାହାସାଙ୍ଗରେ ବି ନୁହେଁ । ସିଏ ସେମିତିକା ଝିଅ ଆଦୌ ନୁହେଁ । ଆଗରୁ କଥା ହୋଇଥିବା ମୁତାବକ ଗୀତା ବି ଘର ମୋବାଇଲ୍‌ରୁ ସମୟ ଦେଖି ଠିକ୍ ୪ଘ.୪୫ମି.ରେ ସେଇଠି ପହଁଚିଗଲା । ଆଖପାଖ ରାସ୍ତାରେ ଚଢେଇଛୁଆଟିଏ ବି ନାହିଁ । ଅନ୍ଧାରରେ ମୁହଁକୁ ମୁହଁ ଅଳ୍ପଅଳ୍ପ ଦିଶୁଛି । ଗୋପାଳ ଗୀତାଆଡକୁ ମୁହଁରଖି ନିଜର ବାହୁକୁ ପ୍ରଶସ୍ତ କରି ଆଲିଙ୍ଗନ ମୁଦ୍ରାରେ ଗୀତାକୁ ଆହ୍ୱାନ କଲା । ଗୀତା ବି ବହୁତ ଦିନରୁ କେବଳ ସେୟା ହିଁ ଖୋଜୁଥିଲା । ଗୋଟିଏ ପୁରୁଷ ପୁଅର ବାହୁଯୁଗଳ ଭିତରେ କେଇଦଣ୍ଡ କଟେଇ ମାନସିକ ଶାନ୍ତି ଟିକିଏ ପାଇବାକୁ । ଆଲିଙ୍ଗନ କରିବା ସହ ଗୋପାଳ ଗୀତା ଗାଲରେ ଏକ ଶକ୍ତ ଚୁମ୍ବନ ବି ଆଙ୍କିଦେଇ ନିଜ ଓଠକୁ ଗୀତାର ଲିପ୍‌ଷ୍ଟିକ୍ ବୋଳା ଓଦାଳିଆ ଓଠପାଖକୁ ନେଲାବେଳେ ଗୀତା ହଠାତ୍ ପ୍ରକୃତିସ୍ଥ ହୋଇ କହି ଉଠିଲା, - ଗୋପାଳ ଭାଇ ସେତିକି ଥାଉ । ହେଲା... ହେଲା ।


♥ ଖ-୧୭/୧୫, ପଂଚସଖା ନଗର, ଭୁବନେଶ୍ୱର-୭୫୧୦୧୯
ମୋ-୯୪୩୯୧୨୮୦୫୦

---

# ॥ ଜମ୍ବୁଲୋକରେ ଆଲୋକ ॥



**ନମିତା ପାଇକରାୟ**



'ଜମ୍ବୁ ଲୋକ' ଏକ ବହୁ ଚର୍ଚ୍ଚିତ ଉପନ୍ୟାସ । କଥାକାର ଭୀମ ପୃଷ୍ଟି ଙ୍କର ସମ୍ମାନ ଜନକ ସାରଳା ପୁରସ୍କାର( ୪୪ ତମ ୨୦୨୩) ପ୍ରାପ୍ତ 'ଜମ୍ବୁ ଲୋକ' ଉପନ୍ୟାସଟି ଭିନ୍ନ ଭିନ୍ନ ସମସ୍ୟାକୁ ନେଇ ମଣିଷ କେମିତି ଜୀବନ ଓ ମୃତ୍ୟୁ ସହ ସଂଘର୍ଷ କରି ଚାଲିଛି । ଲେଖକଙ୍କର ଅନେକ ଅନ୍ତର୍ଭେଦୀ ଗଳ୍ପ ପରି,ଏ ଉପନ୍ୟାସଟି ମଧ୍ୟ ଏକ ଗଳ୍ପ ସମୂହ ପରି ମନେହୁଏ । ସାଧାରଣ ମଣିଷ ମାନଙ୍କର କଥା ବ୍ୟଥା କୁ ନେଇ ଲେଖକ ଚମତ୍କାର ଗାଥାରେ ରୂପାନ୍ତରିତ କରି ପାରିଛନ୍ତି । ଉପନ୍ୟାସ ଟି ଆରମ୍ଭ 'ଇନ୍ଦିରାର ଦସ୍ତଖତ'ରୁ । ଜାମ୍ବୁନଦ ଗୋବରୀ ଅବବାହିକାରେ ବିସ୍ଥାପିତଙ୍କୁ ନେଇ ଘଟିତ ଏକ ସତ୍ୟ ଘଟଣାର ଚରିତ୍ରମାନେ ଉପନ୍ୟାସର ପୃଷ୍ଠଭୂମି ଉପରେ ମୁଖରିତ । ରାୟ ବାବୁଙ୍କ ରେଡିଓକୁ ଲେଖକ ମାର୍ଗ ଦର୍ଶକ ରୂପେ ବ୍ୟବହାର କରିଛନ୍ତି । ଚମତ୍କାର ପ୍ରତୀକ । ରେଡିଓରୁ ସମୟକ୍ରମେ ନିଜେ ରାୟ ବାବୁ ଦେଶାନ୍ତରୀଙ୍କ ମାର୍ଗଦର୍ଶକ ସାଜିଛନ୍ତି । ଗୋଟେ କୁତ୍ସିତ ମାନସିକତା ଲକ୍ଷ ଲକ୍ଷ ଲୋକଙ୍କୁ ଦେଶାନ୍ତରୀ କରିଦେଲା । ଭୟାବହ ଯୁଦ୍ଧରୁ ମୁକୁଳି ଆସିଲେ କିଛି ମଣିଷ ନିଜ ଜୀବନ ନେଇ । ସେମାନଙ୍କ ସେହି ଦୁର୍ମୂଲ୍ୟ ଜୀବନର ଭବିଷ୍ୟକୁ ଲେଖକ ନିଜର କଳ୍ପନାର ପୁଟ ଦେଇ ଉପସ୍ଥାପିତ କରିଛନ୍ତି । ବିସ୍ଥାପିତ ଜୀବନ ଏକ ହାତ ଗଢା ନର୍କ ସହ ସମାନ । ମଣିଷ ର କୋମଳ ମନ ଆତ୍ମହତ୍ୟା କରେ । ଶୁଷ୍କ ହୃଦୟ କେବଳ ସ୍ପନ୍ଦିତ ହୋଇ ଜଣାଏ ଯେ ସେ ଜୀବିତ ବୋଲି । ଯେମିତି ମଣିଷ ମାନେ ମୃତ ପ୍ରାୟ । ଜୀବନ୍ତ କେବଳ ସେ ରେଡିଓଟି । ରାୟ ବାବୁଙ୍କ ରେଡିଓ ଲୋକଙ୍କୁ କେତେ ବେଳେ ଯୁଦ୍ଧ ଖବର ଶୁଣାଇ ଆତଙ୍କିତ କରେ ତ ପୁଣି କେତେବେଳେ ଇନ୍ଦିରାଙ୍କ ଭାଷଣ ଶୁଣାଇ ଆଶ୍ୱାସନା ଦିଏ । କେଉଁଠି କଣ ହେଲା ସବୁ ସେହି ରେଡିଓ ହିଁ କହେ । ରାୟ ବାବୁଙ୍କ ରେଡିଓ ଏକ ଜୀବନ୍ତ ଚରିତ୍ର । ରାୟ ବାବୁଙ୍କ ଚରିତ୍ରଟି ମୁରବୀପଣିଆର ଦୃଷ୍ଟାନ୍ତ । ତାଙ୍କ ପାଦରେ ଚାନ୍ଦି କଣ୍ଟା ର ଆଘାତ ତାଙ୍କୁ ଯେତିକି କଷ୍ଟ ଦେଇଥିଲା, ତା ଠାରୁ ଅଧିକ ଉଦାସ ହୋଇ ଯାଇଥିଲେ ବାକି ମଣିଷ ମାନେ । ଯେମିତି ଆଘାତ ସଞ୍ଚରି ଯାଇ ଥିଲା ସବୁ ଆଡେ । ରାୟ ବାବୁ ମଣ୍ଡଳ ଘରେ ଜନ୍ମ ନେଇ ଥିବା ଶିଶୁକୁ 'ପ୍ରଥମ ହିନ୍ଦୁସ୍ଥାନୀ' କହିବା, ଏକ ପରମ ବିଶ୍ୱାସ ଓ ସ୍ଥିରତା ଭରି ଦେଇଥିଲା ଅନ୍ୟମାନଙ୍କ ମନରେ । ଲେଖକ ଖୁବ ସୁନ୍ଦର ଭାବେ ପ୍ରତିଟି ଚରିତ୍ରର ସାବଲୀଳତାକୁ ପ୍ରତିପାଦିତ କରିଛନ୍ତି । ସରକାରଙ୍କ ପ୍ରମାଣ ପତ୍ର ପାଇବା ପାଇଁ ଯେଉଁ ସବୁ ପନ୍ଥା ଅବଲମ୍ବନ କରିବାକୁ ହେବା ଠାରୁ କେଉଁ ତିଥିରେ ମାଛ ଭଲ ଧରା ହେବା ପର୍ଯ୍ୟନ୍ତ ବର୍ଣ୍ଣନା କରିଛନ୍ତି । ଗୋବରୀ ନଈ ଯେମିତି ଏ ଦେଶାନ୍ତରୀ ମାନଙ୍କର ଭରଣପୋଷଣ ପାଇଁ ଦାୟୀ । ଗୋବରୀ ନଈ ବସନରୁ ବାସନା ଯାଏ ଯୋଗାଇ ଦେବାକୁ ବାଧ୍ୟ, ସେଇଥି ପାଇଁ ସେ ସ୍ରୋତସ୍ୱିନୀ ରତ୍ନଗର୍ଭା । ଏଇ ଚରିତ୍ର ମାନଙ୍କ ପାଇଁ ତାର ଉତ୍ପତି । ଉପନ୍ୟାସର ଆରମ୍ଭରୁ ଶେଷ ଯାଏ ଗୋବରୀ ଓ ହେନ୍ତାଳ ବିଦ୍ୟମାନ ।

ଲେଖକ ଭୀମ ପୃଷ୍ଟିଙ୍କର କଲମ ପାଉଁଶ ଭିତରୁ ନିଆଁ, ଅଧା ଜଳା ଝାଡି ଭିତରୁ କୀଟକୁ ବି ଗୋଟାଇ ଜୀବନ୍ୟାସ ଦେବାକୁ ସମର୍ଥ । ସମ୍ପୂର୍ଣ୍ଣ ଉପନ୍ୟାସରେ ତାଙ୍କ ଲେଖନୀର ଭାଷା ନିଆରା । ଉପନ୍ୟାସରେ ଇତିହାସର ପୃଷ୍ଠଭୂମି ଉପରେ ବର୍ତ୍ତମାନ ର ରାଜନୈତିକ ବାତାବରଣ, ଭବିଷ୍ୟତର ଆଶା ଉଦ୍ଦୀପନା ପ୍ରତ୍ୟେକ ଚରିତ୍ରର ମୁଖରେ ଉଚ୍ଚାରିତ । କିଛି ବାକ୍ୟ ସୂଚାଇ ଦିଏ, ହଁ ' ଏ ଭୀମ ପୃଷ୍ଟିଙ୍କର ରଚନା । ଯେମିତି 'ବିଡି ଧୂଆଁ ବୋଲା କଫରେ କେବଳ ଗୋଳେଇ ହେଉ୍ଲା ଜେଜେଙ୍କ ଅବଶୋଷ ।' ଜରି ଖୋଳ ଭିତରେ ହାତ ପୁରାଇ ମୁଠାଏ ଚେନାଚୁର ଧରିଲା ଭୋକ ରଙ୍କୁଣୀ ସେ ସୁନୀତି ବର୍ମନ । "ସେ ଭୋକିଲା କୁକୁର ଛୁଆ ପରି ଚାକୁ ଚାକୁ କରି ଖାଇଲା ।" "ଆକାଶରେ ସବୁତକ ତାରା ଝଲସାର ସମୟ ହୋଇଥାଏ ।" "ନିଗିଡି ପଡୁଥିବା ଝାଳ କୁ ଅଣ୍ଟାରେ ବନ୍ଧା ହୋଇଥିବା ସୁଖିଲା ଗାମୁଛାକୁ ଶୋଷାଏ ।" "ଗୋବରୀ ନଈ ପଠା ରେ ଆଣ୍ଟେଇ ଥିବା ଫୁଟା ଡଙ୍ଗା ଛାଇ ରେ ବସେ ।" ଏମିତି ଅନେକ ବାକ୍ୟ ଖୁବ ସୁନ୍ଦର ଓ ନିଆରା ଲାଗେ ।

ଇନ୍ଦିରା ଉପରେ ଅଖଣ୍ଡ ବିଶ୍ୱାସ ରଖି କିଛି ଚରିତ୍ର ଖୁଲଣାରୁ ବାହାରି ଆସନ୍ତି ନିଜ ଜୀବନ ଧରି ବିସ୍ଥାପିତ ହୋଇ, ସେମାନେ ବିସ୍ଥାପିତ କି ଦେଶାନ୍ତରୀ କିମ୍ବା ସେମାନେ ଅଖଣ୍ଡ ଭାରତର ନାଗରିକ ଏ ପର୍ଯ୍ୟନ୍ତ ବୁଝି ପାରି ନାହାନ୍ତି । ପ୍ରତିଦିନ ଏକ ସନ୍ଦେହର ଜୁଆରକୁ ଅତିକ୍ରମ କରି ସମୁଦ୍ର ପରି ଏ ବିଶାଳ ଦେଶକୁ ଜାଣିବାକୁ ଚେଷ୍ଟା ଅଦ୍ୟାବଧି ଜାରୀ ରଖିଛନ୍ତି । ଖୁଲଣାରୁ ଜମ୍ବୁ ଲୋକ ପର୍ଯ୍ୟନ୍ତ ଯେଉଁ ମଣିଷ ମାନେ ପହଞ୍ଚିଛନ୍ତି, ସେମାନେ କଣ ତାଙ୍କର ନଦୀ, ପର୍ବତ, ଭାଷା,ଖାଦ୍ୟଶସ୍ୟ, ସ୍ୱାଦକୁ ଭୁଲି ପାରିଛନ୍ତି ? ତାଙ୍କ ର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଅନନ୍ୟ ଅତୀତକୁ ନେଇ ବଞ୍ଚି ରହିବେ । ଯେଉଁ ଚରିତ୍ରମାନେ ଅହରହ ଜମ୍ବୁ ନିବାସୀ ହେବା ପାଇଁ ଚେଷ୍ଟା ରତ, ସେମାନଙ୍କ ମନ ଅଗ୍ନିଜ ପରି ଘୁରି ବୁଲୁଛି ଜୀବନ ଆକାଶରେ । ଆଉ ଯେଉଁ ମାନେ ଜନ୍ମ ନେଇଛନ୍ତି ଏ ଜମ୍ବୁଲୋକରେ ତାଙ୍କୁ ନିଶ୍ଚିତ ବତୀଘର ଆଲୋକ ଦେଖାଇବ । ଅତ୍ୟନ୍ତ ସୁନ୍ଦର ଭାବ ଗର୍ଭକ ଉପନ୍ୟାସଟି ପଢିସାରି, ହେନ୍ତାଳ ବଣରୁ ବାହାରି ପାରୁନି, ହୁକିଟୋଲାକୁ ଭୁଲି ପାରୁନି । କୁତ୍ସିତ ଅସୁର ବିବାହକୁ କେତେ କେତେ କନ୍ୟା ଭେଟୁଥିବେ କେଜାଣି ? ଯେ କୌଣସିପ୍ରକାର କ୍ଷୁଧା ହେଉ ନା କାହିଁକି ମଣିଷକୁ କେମିତି ଅନବରତ ଗ୍ରାସ କରୁଥାଏ ମଣିଷ ବୁଝି ପାରେନା । ଚମତ୍କାର ପୁସ୍ତକଟି, ଆହୁରି ଅନେକ ପୁରସ୍କାରରେ ସମ୍ମାନିତ ହେଉ । ପୁସ୍ତକଟି ବିଭିନ୍ନ ଭାଷାରେ ଅନୁବାଦ ହେଉ । ଓଡିଆ ସାହିତ୍ୟର ପ୍ରଚାର ପ୍ରସାର ହେଉ । ଲେଖକଙ୍କୁ ସମ୍ମାନ ସହ ଶୁଭେଚ୍ଛା ।

♥ ନିଳାଦ୍ରୀବିହାର, ଭୁବନେଶ୍ୱର
(ମୋ) ୯୮୬୧୩୮୫୦୪୬

## ଚେତନାର ଦର୍ପଣ - ୨୭

# ସହାୟତା



♥ ଲଳିତ ମୋହନ ମିଶ୍ର

ସହାୟତାର ଅର୍ଥ ହେଉଛି - ଯେ କୌଣସି ବ୍ୟକ୍ତି, ଦେଶ କାଳ ପାତ୍ରକୁ ସାହାଯ୍ୟ କରିବା ସହାୟତା ଦେବା। ସେମାନଙ୍କୁ ଟଙ୍କା, ଉପକରଣ ଓ ସେବା ଦେଇ ସାହାଯ୍ୟ କରିବା । ବାରାଣସୀରେ ଗଙ୍ଗା ନଦୀ କୂଳରେ ଜଣେ ସନ୍ଥ ରହୁଥିଲେ । ତାଙ୍କର ଅନେକ ଶିଷ୍ୟ । ଯେତେବେଳେ ଶିଷ୍ୟମାନଙ୍କ ଗୁରୁଗୃହ ଶିକ୍ଷା ସମାପ୍ତ ହେଲା, ଗୁରୁଦେବ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରି ବିଦାୟ ଦେବାକୁ ଯାଉଥିଲେ । କିନ୍ତୁ ସକାଳେ ଗଙ୍ଗା ନଦୀରେ ସ୍ନାନ କରି , ପୂଜାର୍ଚ୍ଚନା ଓ ଧ୍ୟାନ କରି ଯିବାକୁ କହିଥିଲେ । ସମସ୍ତ ଶିଷ୍ୟଙ୍କୁ ଗୁରୁ ଶେଷ ଦିନରେ ପୂଜାର୍ଚ୍ଚନା ଓ ଧ୍ୟାନ କରିବାକୁ ପରାମର୍ଶ ଦେଇଥିଲେ । ଏବଂ ଗୁରୁଜୀ ନିଜେ ମଧ୍ୟ ଧ୍ୟାନରେ ବସିଥିଲେ । ସମସ୍ତେ ଧ୍ୟାନ କରୁଥିଲେ, ହଠାତ୍ ଏକ ଶିଶୁର କ୍ରନ୍ଦନ ସ୍ୱର ଶୁଣିବାକୁ ମିଳିଲା। ସେ ସାହାଯ୍ୟ ପାଇଁ କାନ୍ଦୁଥିଲା । ଜଣେ ଶିଷ୍ୟ ନିଜ ଜୀବନ ବିଷୟର ଚିନ୍ତା ନ କରି ନଦୀ ଆଡକୁ ଦୌଡ଼ିଲା । ଶିଶୁଟି ନଦୀରେ ଭାସି ଯାଉଥିଲା, ଶିଷ୍ୟଟି କୌଣସି ପ୍ରକାରେ ଶିଶୁଟିକୁ ଉଦ୍ଧାର କରି କୂଳକୁ ଆଣିଥିଲା । ସେତେବେଳକୁ ସମସ୍ତ ଶିଷ୍ୟ ଧ୍ୟାନରେ ମଗ୍ନ ଥିଲେ, କିନ୍ତୁ ଗୁରୁଜୀ ପୂରା ଘଟଣାକୁ ଦିବ୍ୟ ଚକ୍ଷୁରେ ଦେଖି ପାରିଥିଲେ। ପୂଜାର୍ଚ୍ଚନା ଓ ଧ୍ୟାନପରେ ଗୁରୁଜୀ ସମସ୍ତଙ୍କୁ କହିଲେ, ତୁମର ଜଣେ ସାଙ୍ଗ ପିଲାଟିକୁ ବଞ୍ଚାଇବା ପାଇଁ ନଦୀକୁ ଡେଇଁ ପଡ଼ିଥିଲେ। ଶିଷ୍ୟମାନେ କହିଲେ, 'ସେ ଉପାସନା ତ୍ୟାଗ କରି ଅଧର୍ମ କରିଛନ୍ତି। ଏହା ଉପରେ ଗୁରୁଦେବ କହିଲେ,' ସେ ଧର୍ମ କରିଛି, ତୁମେମାନେ ଅଧର୍ମ କରିଛ। ବୁଡ଼ି ଯାଉଥିବା ଶିଶୁର କାନ୍ଦକୁ ଆପଣମାନେ ଅଣଦେଖା କରିଛନ୍ତି । ଧର୍ମକର୍ମର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଜୀବଜଗତକୁ ରକ୍ଷା କରିବା । ଆଶ୍ରମର ଧର୍ମଶାସ୍ତ୍ର, ବ୍ୟାକରଣ, ରୀତିନୀତି, ଧର୍ମକର୍ମ ଇତ୍ୟାଦି ବିଷୟରେ ଆପଣମାନେ ପାରଙ୍ଗତ, କିନ୍ତୁ ଦୁଖ ଏବଂ ପରିତାପର ବିଷୟ ଆପଣମାନେ ଧର୍ମ ପ୍ରକୃତ ସାରତତ୍ତ୍ୱକୁ ବୁଝି ପାରିଲେ ନାହିଁ । ଅର୍ଥାତ୍ ଅସୁବିଧାରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବା, ଏବଂ ନୈତିକ ଜ୍ଞାନ ପ୍ରଦର୍ଶନ କରିବା । ସହାୟତାଠାରୁ ବଡ଼ ପୁଣ୍ୟ ଆଉ କିଛି ନାହିଁ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

## ।। ଆତ୍ମଜୀବନୀ ।।

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୪)

### ମୋ ହାତ ଭାଙ୍ଗିଲା

**ସୋମବାର ଦିନ ପ୍ରଥମେ ଆମଘରେ ତାଙ୍କ ଜିନିଷପତ୍ର ରଖିଦେଇ ଗୁରୁଜୀ ବିଦ୍ୟାଳୟକୁ ଗଲେ । ବିଦ୍ୟାଳୟ କାମସାରି ଚାରିଟାପରେ ଆମଘରକୁ ଆସି ଜଳଖିଆ ଖାଇଲେ । କିଛି ସମୟ ବିଶ୍ରାମ କଲେ । ସନ୍ଧ୍ୟାରେ ପ୍ରାର୍ଥନାପରେ ମୋତେ ପଢାଇଲେ।**

ମୁଁ ,ଏହିପରି ଭାବରେ ଶିଶୁ ଶ୍ରେଣୀରୁ ଆରମ୍ଭକରି ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ଶ୍ରେଣୀରୁ ଉତୀର୍ଣ୍ଣ ହୋଇ ପଞ୍ଚମ ଶ୍ରେଣୀରେ ପାଦଦେଲି । ଅର୍ଥାତ୍ ପ୍ରାଥମିକ ଶିକ୍ଷାର ଶେଷବର୍ଷରେ ମୁଁ ପାଦଦେଲି । ଦିନେ ବାପାଙ୍କୁ ପ୍ରଧାନ ଗୁରୁଜୀ ବିଦ୍ୟାଳୟକୁ ଡାକିଲେ। କଣପାଇଁ ଡାକିଲେ ବୋଲି ଆମେ ଚିନ୍ତାରେ ପଡିଲୁ। ମୁଁ କିଛି ଗୋଳମାଳ କରିଛି କି ବୋଲି ବାପା ପଚାରିଲେ । ମୁଁ ମନାକଲି ।

ଯାହେଉ, ବାପା ପ୍ରଧାନ ଗୁରୁଜୀଙ୍କୁ ସାକ୍ଷାତ କରିବାରୁ ସେକହିଲେ ଯେ,'ଶ୍ରୀକାନ୍ତ ଭଲ ପଢୁଛି। ଆଉ ଟିକିଏ ଅଧିକ ପରିଶ୍ରମ କଲେ ଜିଲ୍ଲାରେ ବୃତ୍ତି ପାଇପାରନ୍ତା । (ସେତେବେଳେ ଜିଲ୍ଲା ସ୍ତରରେ ବୃତ୍ତି ପରୀକ୍ଷା ହେଉଥାଏ)

'ତେବେ, ମୁଁତ କେବଳ ନାମ ଦସ୍ତଖତ ଜାଣେ, ଅଧିକ ନୁହେଁ । ମୁଁ ନିଜେ ତାକୁ ପଢାଇ ପାରିବିନି । କଣ କରିବି କହିଲେ ?

'ଶୁଣନ୍ତୁ, ମୁଁ ସ୍ଥିର କରିଛି ଆପଣଙ୍କ ଘରେ ରହି ତାକୁ ପଢାଇବି।' 'ସେତ ମୋର ସୌଭାଗ୍ୟର କଥା । କିନ୍ତୁ ଅସୁବିଧା ବି ଅଛି । ଆମର ଗରିବଘର, ତରକାରି ସେମିତି କରି ପାରେନି ତା' ମାଆ। ଆପଣ ଚଳାଇ ନେଲେ ହେଲା ।'

' ସେ କଥା ମୁଁ ବୁଝିବି । ଯଦି କହିବ, ମୁଁ ପଅର ଦିନଠୁ ଆପଣଙ୍କ ଘରେ ରହିବି।' ବାପାଙ୍କ ଚକ୍ଷୁଦୁଇଟି ଛଳଛଳ ହୋଇଗଲ।

'ହଁ ଆସନ୍ତୁ କହି 'ଗୁରୁଜୀଙ୍କୁ ନମସ୍କାର କରି ଫେରିଲେ । ତାଙ୍କର ଫେରିବା ବାଟକୁ ମାଆ ଓ ମୁଁ ଚାତକଭଳି ଅନେଇ ରହିଥିଲୁ। ଆମକୁ ସବୁକଥା କହିଲେ । ଆମଘରେ ଗୁରୁଜୀ ରହିବେ ଶୁଣି ମୁଁ ଡରିଗଲି । ବାପାମାଆ ଦୁହେଁ ଲାଗିପଡି ଘରବାଡି ସଫାକଲେ। ଗୁରୁଜୀଙ୍କ ପାଇଁ ଶୋଇବା ସଜ ଯୋଗାଡକଲେ। ପଡିଶା ସୁରେଶ ଚନ୍ଦ୍ର ଦେଙ୍କ ସ୍ତ୍ରୀ ରାସମଣିଙ୍କୁ କହି କିଛି ଜିନିଷ ଆଣିଲେ । ସେ ଥିଲେ ଜଣେ ଦୟାଶିଳା ମହିଳା । ବହୁଭାବରେ ଆମେ ତାଙ୍କଦ୍ୱାରା ଉପକୃତ ହୋଇଛୁ ।

ସୋମବାର ଦିନ ପ୍ରଥମେ ଆମଘରେ ତାଙ୍କ ଜିନିଷପତ୍ର ରଖିଦେଇ ଗୁରୁଜୀ ବିଦ୍ୟାଳୟକୁ ଗଲେ । ବିଦ୍ୟାଳୟ କାମସାରି ଚାରିଟାପରେ ଆମଘରକୁ ଆସି ଜଳଖିଆ ଖାଇଲେ । କିଛି ସମୟ ବିଶ୍ରାମ କଲେ । ସନ୍ଧ୍ୟାରେ ପ୍ରାର୍ଥନାପରେ ମୋତେ ପଢାଇଲେ। କେବେ ଡିବିରି ବା କେବେ ଟିମିନି ଆଲୁଅରେ ମୁଁ ପାଠପଢେ । ପ୍ରାୟ ମାସକ ପରେ ବାପା ଅର୍ଥ ସଂଗ୍ରହକରି ହାରକିନଟାଏ କିଣିଲେ । ନାକ ଓ ଆଖିରେ ଆଉ କଳାଧୂଆଁ ପଶିବାର ଭୟ ରହିଲାନି । ଉଜ୍ଜ୍ୱଳ ଆଲୁଅ ବି ମିଳିଲା ।


କିଛିବର୍ଷ ପୂର୍ବରୁ ବାପା ଓ ମୋର ଦାଦି ଅର୍ଥାତ୍ ବାପାଙ୍କର ସାନଭାଇ ଗଜେନ୍ଦ୍ର ଡାକନାମ ଅକାରଣ ଭିନେହୋଇ ଯାଇଥିଲେବି ଆମ ଦୁଇ ପରିବାର ଭିତରେ ଆତ୍ମୀୟତା ରହିଥିଲା । ଦାଦି ଓ ଖୁଡି ମୋତେ ଖୁବ ସ୍ନେହ କରୁଥିଲେ । ଦାଦି ମୋର ପଞ୍ଚମ ଶ୍ରେଣୀ ବେଳକୁ ଗୋଟିଏ ସାଇକେଲ କିଣିଲେ । ସମୟ ପାଇଲେ ସାଇକେଲ ଚଢା ଶିଖିବାପାଇଁ ସେ ମୋତେ କହିଲେ । ମୋ ମନ ଉଚ୍ଛନ୍ନ ହେଲା । ସେଦିନ ଥାଏ ଶନିବାର। ଉପରଓଳି ଗୁରୁଜୀ ଘରକୁ ଗଲେ। ଦାଦିବି କୁଆଡେ ଯାଇନଥାନ୍ତି। ତାକୁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ଭାବିଲି । ସାଇକେଲ ନେଇ ସଡକକୁ ଗଲି । ସାଇକେଲ ଭିତରଦେଇ ଡାହାଣ ଗୋଡ ଡାହାଣ ପାଖକୁ ଦେଇ ଦୁଇହାତରେ ହେଣ୍ଡେଲ ଧରି, ଅଧା ପେଡାଲ ମାରୁଥାଏଁ। ମୋର କେତେଜଣ ସାଙ୍ଗଙ୍କ ସହିତ ଭେଟ ହେଲା । ସେମାନେ ମୋତେ ଉତ୍ସାହିତ କରି ମୋ ସାଇକେଲ ସହିତ ଦୌଡୁଥାନ୍ତି।

କିଛି ସମୟପରେ ଜଣେସାଙ୍ଗ ମୋତେ କହିଲେ 'ଆରେ, ତୁ ହେଣ୍ଡଲ ଛାଡି ସାଇକେଲ ଚଳାଉନୁ ? ସାଇକେଲ ଜୁରରେ ଗଡିବ । 'ପ୍ରଥମ ସାଇକେଲ ଚଢାଳୀ, ତା'କଥା ମାନି ଯେମିତି ହେଣ୍ଡଲରୁ ହାତ ଛାଡି ଦେଇଛି, ସାଇକେଲେ ସହିତ ଯାଇ ସଡକ ପାଖ ଖାଇରେ ପଡି ଅଚେତ ହୋଇଗଲି । ଖବରପାଇ ବାପା ଓ ଦାଦି ଆସି ମୋ ମୁହଁରେ ପାଣି ସିଞ୍ଚି ଚେତା ଫେରାଇ ଆଣି ଘରକୁ ନେଇଗଲେ । ଜଣାଗଲାଯେ ବାଆଁ ହାତ କହୁଣି ପାଖରୁ ଭାଙ୍ଗିଯାଇଛି । ସମସ୍ତେ ବ୍ୟସ୍ତ ହେଲେ । ରବିବାରଦିନ ସକାଳା ଜଣେଯାଇ ପଞ୍ଚୁଘଣ୍ଟା ଗାମରୁ ଜଣେ ଗାଉଁଲି ଚିକିତ୍ସକଙ୍କୁ ନେଇ ଆସିଲେ। ସେ ହାତର ଭଙ୍ଗାହାଡକୁ ସଜାଡିଦେଇ ପଟି ବାନ୍ଧିଦେଲେ। ତା ଉପରେ ଘଡିକିଘଡି କଦଳୀ ବାହୁଙ୍ଗା ରସ ଦିଆଯାଉଥାଏ । ପ୍ରତି ତିନି ଚାରି ଦିନରେ ଥରେ ଆସି ସେ ପଟିଖୋଲି କଣସବୁ ପତ୍ର ବାଟିକି ବସାଇ ପୁଣି ପଟି ବାନ୍ଧନ୍ତି। ମୁଁ ସବୁବେଳେ ଶୋଇ ରହୁଥାଏ । ଯନ୍ତ୍ରଣା ହେଉଥାଏ । ପ୍ରଧାନ ଗୁରୁଜୀ ମୋ ହାତଭାଙ୍ଗିବା ବ୍ୟତୀତ ଅନ୍ୟ ଏକ କାରଣ ପାଇଁ ଦୁଃଖିତ ହେଲେ । ତା'ହେଲା..ପ୍ରାୟ ମାସେପାଇଁ ପାଠପଢା ବନ୍ଦ ହୋଇଗଲା । ବୃତ୍ତି ପରୀକ୍ଷାପାଇଁ ଅସୁବିଧା ହେବ । ସୋମବାର ଦିନ ସ୍କୁଲକୁ ସେ ଆସିଲେ ସିନା ଆଉ ଆମ ଘରେ ନରହି ତାଙ୍କ ଘରକୁ ଚାଲିଗଲେ। ପ୍ରାୟ ପନ୍ଦର ଦିନ ପରେ ଆସି ଆମ ଘରେ ରହିଲେ ଓ ମୋତେ ମୌଖିକ ଭାବରେ ପଢାଇଲେ । ମୋ ହାତର ଯନ୍ତ୍ରଣାବି କ୍ରମେକ୍ରମେ କମିଗଲା । ତାରକିଛି ଦିନ ପରେ ମୁଁ ବସିପାରିଲି ଓ ଡାହାଣ ହାତରେ ଲେଖି ପାରିଲି । ତାପରେ ପରେ ମୁଁ ବିଦ୍ୟାଳୟକୁ ଗଲି । (କ୍ରମଶଃ)


♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ସ୍ମୃତି ଆଲେଖ୍ୟ...

# ଉତ୍କଳ ଗୌରବ ମଧୁସୂଦନ ଦାସ



ବିଜୟଲକ୍ଷ୍ମୀ ପଟ୍ଟନାୟକ



ସେ ଜନ୍ମ ହୋଇଥିଲେ ଏମିତି ଏକ ଘଡିସନ୍ଧି ମୁହୂର୍ତ୍ତରେ ଯେତେବେଳେ କଳିଙ୍ଗ ବା ଉତ୍କଳର ଭାଗ୍ୟରବି ଅସ୍ତମିତ ହୋଇ ସାରିଥିଲା । ନିଜର ବୋଲି କହିବା ପାଇଁ ଓଡିଆଙ୍କ ପାଖରେ ନିର୍ଦ୍ଦିଷ୍ଟ କୌଣସି ଭୂଖଣ୍ଡ ନ ଥିଲା । ମାଟିର ପୂର୍ବ ଗୌରବକୁ ଓ ଐତିହ୍ୟକୁ ଅଞ୍ଚଳବାସୀ ପୁରା ଭୁଲି ସାରିଥିଲେ । ଭବିଷ୍ୟତର ଆଶା ଓ ଆକାଂକ୍ଷା ପାଇଁ ମଧ ସେମାନଙ୍କ ପାଖରେ ଆତ୍ମବିଶ୍ୱାସ କିମ୍ବା ଭରସାଯୋଗ୍ୟ କୌଣସି ଅବଲମ୍ବନ ନ ଥିଲା । ଯିଏ ଏହି ଦୁସ୍ଥ ମାନଙ୍କ ପ୍ରାଣରେ ପ୍ରଥମ କରି ଭରସା ସୃଷ୍ଟି କରି ପାରିଥିଲେ ସେ ହେଲେ କୁଳବୃଦ୍ଧ ମଧୁସୂଦନ ।

ବିଶ୍ୱ ଦରବାରରେ ଯିଏ ଓଡିଆ ଜାତିର ପରିଚୟ ଓ ପ୍ରତିଷ୍ଠା ନିମନ୍ତେ ତ୍ୟାଗ ଓ ସାଧନାର ଯେଉଁ ଅନନ୍ୟ ଉଦାହରଣ ସୃଷ୍ଟି କରି ଯାଇଛନ୍ତି ତାକୁ ତନ୍ନ ତନ୍ନ କରି ନିରୀକ୍ଷଣ କଲେ ବିସ୍ମୟ ଓ ଶ୍ରଦ୍ଧାରେ ପୁରି ଉଠେ ନ୍ତରର କୋଣ ଅନୁକୋଣ । ଆଖି ଆଗରେ ଉଭା ହୁଅନ୍ତି ମାତୃଭାଷା ଓ ମାତୃଭୂମି ନିମନ୍ତେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଯୋଜନାବଦ୍ଧ ଭାବରେ ବିନିଯୋଗ କରିଥିବା ଜଣେ ଛଳନାହୀନ କର୍ମଯୋଗୀ ଓ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଉତ୍କଳ ଗୌରବ ମଧୁସୂଦନ ଦାସ ।

ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଥିଲା ଓଡିଆ ଜାତି ପାଇଁ ଏକ ସନ୍ଦିଗ୍ଧ କାଳଖଣ୍ଡ । ସେତେବେଳକୁ ଏକ ବିପର୍ଯ୍ୟସ୍ତଖଣ୍ଡିତ କଙ୍କାଳରେ ପରିଣତ ହୋଇ ସାରିଥିଲା ବାଣିଜ୍ୟ ସମୃଦ୍ଧ ବିଶାଳ ଓଡିଶା ।ଅତ୍ୟନ୍ତ ନିଷ୍ପ୍ରଭ ଓ ମ୍ଲାନ ହୋଇ ପଡିଥିଲା ଓଡିଆ ଭାଷା । ଉତ୍କଳ ଜନନୀର ଏପରି ଚରମ ଦୁର୍ଦ୍ଦଶା ଦେଖି ରହି ପାରି ନ ଥିଲେଓଡିଆତ୍ୱର ଅଗ୍ରଦୂତ ମଧୁବାବୁ । ଓଡିଆ ଭାଷାର ସୁରକ୍ଷା ତଥା ଓଡିଶାକୁ ସାମଗ୍ରୀକ ଭାବରେ ଏକାଠି କରିବା ପାଇଁ ତାଙ୍କ ନେତୃତ୍ୱରେ ୧୮୮୫ ମସିହାରେ ଆରମ୍ଭ ହେଲା ' ଉତ୍କଳ ସଭା ' ସମ୍ବଲପୁର କଚେରୀ ରୁ ଓଡିଆ ଭାଷା ବିଲୋପ ଷଡଯନ୍ତ୍ର ପ୍ରତିବାଦରେ ସଂଗ୍ରାମ । ଦୀର୍ଘ ସାତ ବର୍ଷର ନିରବଚ୍ଛିନ୍ନ ଲଢେଇ ପରେ ବଞ୍ଚେଇ ରଖିଲେ ଓଡିଆ ଭାଷାକୁ ଏବଂ ପ୍ରଥମ ପର୍ଯ୍ୟାୟରେ ମିଶିଲେ ଓଡିଶା ସହିତ ଗଞ୍ଜାମ, ସମ୍ବଲପୁର ଓ ବିଶାଖାପାଟଣା ଏଜେନ୍ସି ଅଞ୍ଚଳ । ଏଥିରେ ଉତ୍ସାହିତ ହୋଇ ୧୯୦୩ ମସିହାରେ ମଧୁବାବୁ ଗଠନ କଲେ ' ଉତ୍କଳ ସମ୍ମିଳନୀ ' । ସମ୍ମିଳନୀ ର ମହାମନ୍ତ୍ର ଘୋଷଣା କରି ମଧୁବାବୁ ଲେଖିଲେ -

'ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡି ସିନ୍ଧୁ ନୀରେ ।'

ସମ୍ମିଳନୀ ମଞ୍ଚରୁ ଗାନ କରାଯାଇଥିବା ଏହି କବିତା ଉତ୍କଳୀୟ ମାନଙ୍କ ପାଇଁ ଥିଲା ଅଗ୍ନିମୟ ଆହ୍ୱାନ । ସେ ଆହ୍ୱାନ ର ପ୍ରତିଟି ଶବ୍ଦର ବହ୍ନି ଏଭଳି ପ୍ରଜ୍ଜ୍ୱଳିତହେଲା ଯେ ତାରଯାଦୁକରୀ ମାୟାରେ ଚେଇଁ ଉଠିଲା ସମଗ୍ର ଓଡିଆ ଜାତି । ମଧୁବାବୁ କବି ନ ଥିଲେ କିନ୍ତୁ ଓଡିଆ ମାନଙ୍କୁ ଜାଗ୍ରତ କରିବା ପାଇଁ ଲେଖି ଚାଲିଲେ କବିତା । ସତ୍ୟର ଜୟଗାନରେ ଯିଏ ଜୀବନବ୍ରତୀ ଆତ୍ମତ୍ୟାଗର ଦୁର୍ଗମ ପଥରେ ଯାତ୍ରା ପାଇଁ ଯାହାର ପ୍ରାଣ ସଂକଳ୍ପବଦ୍ଧ ସେ ହିଁ କେବଳ କହିପାରେ -

'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହସ
ପଡିବକି କେବେ ତୋର ମନେ ?'
+ + + +
'ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥ କୁ ସାରଥୀ କଲେ
ଟାଣେ କିରେ ଗାଡି ଦାନାର ତୋବଡା
ଘୋଡା ମୁହେଁ ବନ୍ଧାଥିଲେ ?'

ତାଙ୍କର ସାଂଗଠନିକ ନେତୃତ୍ୱ ଓ ଉଚ୍ଚକୋଟିର ଦାବୀ ଉପସ୍ଥାପନ କରିବା ଶୈଳୀ ଯୋଗୁଁ ଏବଂ ନିଜେ ଜଣେ ବରିଷ୍ଠ ଓକିଲ ହୋଇଥିବା ଯୋଗୁଁ ୧୯୦୫ ମସିହାରେ ମଧ ପ୍ରଦେଶରୁ ସମ୍ବଲପୁର, କଳାହାଣ୍ଡି, ପାଟଣା, ସୋନପୁର, ବାମଣ୍ଡା, ରେଢାଖୋଲ୍ ଏବଂ ବିହାରରୁ ଗାଙ୍ଗପୁର, ବଣେଇ, ଷଢେଇକଳା ଓ ଖରସୁଆଁ ଆଦି ବିଚ୍ଛିନ୍ନାଞ୍ଚଳ ବିଚ୍ଛିନ୍ନ ହୋଇ ଓଡିଶାରେ ମିଶିଲା ରିସଲେ ସର୍କୁଲାର ମାଧ୍ୟମରେ । ୧୯୨୮ ମସିହାରେ ସାଇମନ କମିଶନ ମାଧ୍ୟମରେ ମିଳିଲା ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସପକ୍ଷରେ ସୁପାରିଶ ।

ରାଜନୀତି ଅର୍ଥ ସେ ବୁଝିଥିଲେ ଦେଶପ୍ରେମ ଓ ଦେଶସେବା । ତେଣୁ ୧୯୨୧ ମସିହାରେ ବିହାର ଓଡିଶାର ମନ୍ତ୍ରୀ ହେବା ପରେ ସେ ଉପସ୍ଥାପନ କରିଥିଲେ ମନ୍ତ୍ରୀ ପଦକୁ ଅବୈତନିକ କରିବାର ଦାବୀ । ଏ ଦାବୀ ଅଗ୍ରାହ୍ୟ ହୋଇ ଯିବାରୁ ୧୯୨୩ ମାର୍ଚ୍ଚ ୧୮ ତାରିଖରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଆରମ୍ଭ କଲେ ଭାରତୀୟ ରାଜନୀତିରେ ଏକ ନୂଆ ଇତିହାସ । ନେତୃତ୍ୱ ଯେଉଁଠି ଆଦର୍ଶ ହୋଇ ଦିଗଦର୍ଶନ ଦିଏ ସେଠି ଉତ୍ତରପୀଢି ପାଇଁ ଆଲୋକବର୍ତ୍ତିକା ହୋଇ ଛିଡା ହୁଅନ୍ତି ସେହି ଆଦର୍ଶବାଦୀ ବ୍ୟକ୍ତିତ୍ୱ ।

ସେ ବାରିଷ୍ଟର ହେଲା ପରେ ବି ବଦଳିଯାଇ ନ ଥିଲା ତାଙ୍କ ଚଳଣୀ କି ସରଳତା । ଖାଣ୍ଟି ଓଡିଆ ଘରର ରୁଚି ନେଇ ସେ ଖାଉଥିଲେ ବଗଡା ଚାଉଳର ଭାତ ଓ ମଦରଙ୍ଗା ଶାଗଭଜା । ଉଚ୍ଚ ଚିନ୍ତା, ପ୍ରକୃତି ପ୍ରେମ, ଜୀବେଦୟା ଓ ନିରାଡମ୍ବର ଜୀବନଚର୍ଯ୍ୟା ସାଙ୍ଗକୁ ଓଡିଆ ଜାତିର ଭାଷାର ସର୍ବତୋମୁଖୀ କଲ୍ୟାଣ ସାଧନ ଥିଲା ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ । ଜାତିକୁ ଉପରକୁ ଉଠାଇବା ପାଇଁ ସେ ଭାଷା, ସାହିତ୍ୟ, ସଂସ୍କୃତି, କୃଷି, ଶିଳ୍ପ ଆଦି କ୍ଷେତ୍ରରେ ଆଣିଛନ୍ତି ବୈପ୍ଲବିକ ପରିବର୍ତ୍ତନ ।ଜାତୀୟ ଜୀବନକୁ ସମୃଦ୍ଧ କରିବା ପାଇଁ ତାଙ୍କ ସାଧନାର ବହୁମୁଖୀ ଦିଗନ୍ତ ଯେପରି ଅଭୂତ ଭାବରେ ପ୍ରସାରିତ ତାହା କଳ୍ପନା କରିବା ଜଣେ ସାଧାରଣ ମନୁଷ୍ୟ ପକ୍ଷରେ ଅସମ୍ଭବ ।

ଦରିଦ୍ର ଓଡିଆ ମାନଙ୍କୁ ସମୃଦ୍ଧ କରିବା ପାଇଁ ମଧୁବାବୁ ହିଁ ପ୍ରଥମେ ଆରମ୍ଭ କରିଥିଲେ ଗ୍ରାମ୍ୟ ଶିଳ୍ପ ଆନ୍ଦୋଳନ । ଭାରତ ବାହାରେ ଓଡିଆର ଶିଳ୍ପ ଗୌରବ ପ୍ରଚାର ପାଇଁ ୧୮୯୭ ରେ ଲଣ୍ଡନ ସହରରେ ଆୟୋଜନ କରିଥିଲେ ସ୍ୱ ଦେଶଜ ଶିଳ୍ପ ପ୍ରଦର୍ଶନୀ । ୧୯୦୫ ରେ ପ୍ରତିଷ୍ଠା କରିଥିଲେ ଉତ୍କଳ ଟ୍ୟାନେରୀ । ବିପୁଳ ନିଜସ୍ୱ ଅର୍ଥ ବ୍ୟୟରେ ଶ୍ରମ ଓ ଶ୍ରମିକ ମାନଙ୍କ ପାଇଁ ସେ ପ୍ରତିଷ୍ଠା କରିଥିଲେ ଭାରତ ବିଖ୍ୟାତ ତାରକସି ଶିଳ୍ପ । ୧୮୯୭ ରେ ସେ ପ୍ରତିଷ୍ଠା କରିଥିଲେ ଓଡିଶା ଶିଳ୍ପାଗାର । ୧୯୦୩ ରେ ଆରମ୍ଭ କରିଥିଲେ ପ୍ରଥମ ଛାତ୍ର ସମ୍ମିଳନୀ । ୧୯୦୯ ରେ କୃଷକମାନଙ୍କ ପାଇଁ ଆରମ୍ଭ କରିଥିଲେ ପ୍ରଜା ପରିଷଦ । ବ୍ରିଟେନର ପ୍ରଧାନମନ୍ତ୍ରୀ ତାଙ୍କୁ ଓଡିଶାର ମୁକୁଟ ବିହୀନ ସମ୍ରାଟ ଆଖ୍ୟା ଦେଇଥିଲେ ।

କେବଳ କଥାରେ ନୁହେଁ ମଧୁବାବୁ ଥିଲେ ମନରେ, ପିଣ୍ଡରେ ଓ ପ୍ରାଣରେ ଓଡିଆ । ଜୀବନରେ ବିପୁଳ ଅର୍ଥ ଉପାର୍ଜନ କରିଥିଲେ ମଧ ଜାତି ପାଇଁ ସେ ସବୁ ଉତ୍ସର୍ଗ କରି ଶେଷରେ ନିଜେ କାଙ୍ଗାଳ ହୋଇଯାଇଥିଲେ । ସେ କହନ୍ତି -

'ଟଙ୍କା ଥଳି ଧରି ଜନ୍ମ ହୋଇ ନ ଥିଲି । ଯାହା ଅର୍ଜନ କରିଛି ତାକୁ ମୋ ଜନନୀ ପାଇଁ, ମୋ ଭାଇ ଭଉଣୀଙ୍କ ପାଇଁ ଖର୍ଚ୍ଚ କରି ଫେରିଯିବି ଶୂନ୍ୟ ହସ୍ତରେ ।'

ଜଗନ୍ନାଥଙ୍କ ପ୍ରତି ପ୍ରଗାଢ ଶ୍ରଦ୍ଧାରୁ ସେ ଲେଖିଥିଲେ -

କୋଟିଏ ଓଡିଆ ଗୋଟିଏ ସ୍ୱରରେ
ଡାକ ତ୍ରାହି ଜଗନ୍ନାଥ
ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ
ଜାତିର ଉନ୍ନତି ପଥ ।

୧୮୪୮ ଏପ୍ରିଲ ୨୮ ତାରିଖରେ ଅବିଭକ୍ତ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଓଡିଶାର ଏହି ମହାନାୟକଙ୍କର ଜୀବନଦୀପ ନିର୍ବାପିତ ହୋଇଥିଲା ୧୯୩୪ ଫେବୃଆରୀ ମାସ ୪ ତାରିଖରେ ଗୋଟାଏ କୋଡିଏ ମିନିଟରେ । ସବୁରି ମୁହଁରେ ଥିଲା ଗୋଟିଏ କଥା - ଦୀପ ଲିଭିଗଲା । ଆଞ୍ଜୁଳା ଆଞ୍ଜୁଳା ମାଟି ଧରି ଅଶ୍ରୁପୂର୍ଣ୍ଣ ନୟନରେ ସ୍ନେହମୟୀ ଜନନୀର ସର୍ବଶ୍ରେଷ୍ଠ ସନ୍ତାନକୁ ଶ୍ରଦ୍ଧାଞ୍ଜଳି ଦେଲେ ଶୋକାକୁଳ ଜନତା । ତାଙ୍କରି ଏକନିଷ୍ଠ ସାଧନାର ମୂଳଦୁଆ ଉପରେ ଛିଡା ହୋଇଛି ଆଜିର ଏ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ଆଭୂମ ପ୍ରଣାମ ପ୍ରଣମ୍ୟଙ୍କୁ ।

(ତଥ୍ୟ - ସୁରେନ୍ଦ୍ର ମହାନ୍ତି, ପୁସ୍ତକ - ଶତାବ୍ଦୀର ସୂର୍ଯ୍ୟ)


♥ ପୋଖରାନ୍ ଭିଲେଜ୍,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ଶବ୍ଦପତ୍ର

## ପତ୍ରିକା ସମୀକ୍ଷା

### ପ୍ରତିବେଶୀ

ସମ୍ପାଦକ :
ପୀତାମ୍ବର ବାରିକ
ଠିକଣା : ଉତ୍କଳ ଶିକ୍ଷା ସଂସଦ, ୩୮ଜେ, /୨୨, ମହାରାଜା ଠାକୁର ରୋଡ, ଧାକୁରିଆ, କଲକତା- ୭୦୦୦୩୧
ମୂଲ୍ୟ : ୧୫୦/-
ପୃଷ୍ଠା ସଂଖ୍ୟା : ୪୩୬




*"ଏ କ'ଣ ଏକ ବିଶ୍ୱଗ୍ରାମ !*

*ବିଶ୍ୱଗ୍ରାମର ପରିକଳ୍ପନା କ'ଣ ଏକ ବୌଦ୍ଧିକ ବିଳାସ ! ଏଇ ପ୍ରଶ୍ନାକୁଳତା ଭିତରେ ସବୁ ସଚେତନ ବୁଦ୍ଧିଜୀବୀ ଓ ରାଷ୍ଟ୍ରନାୟକଙ୍କୁ ଏକ ପ୍ରଶ୍ନ।*

*ଯୁଦ୍ଧୋତ୍ତର ପୃଥିବୀ ରହିବ ତ !*

*ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ କଥା ବୁଝିବ କିଏ ? ? ?*

*ଆମ ବିଶ୍ୱ ସାହିତ୍ୟ ଏଇ ଗମ୍ଭୀର ବିଷୟରେ କରୁଛି କ'ଣ ? ନୋବେଲ ପୁରସ୍କାର କ'ଣ ଏକ ସୁନା ଖୋଦେଇ ହୋଇଥିବା ଦାମି ଫଳକ କେବଳ ! ଅଦ୍ୟାବଧି ନୋବେଲ ବିଜେତାମାନଙ୍କ ଏହାର ସମାଧାନ ପାଇଁ ଯୋଗଦାନ କେତେ; ତା'ର ହିସାବ ରଖୁଛି କିଏ ? ? ?*

*ସାହିତ୍ୟ ଏ ପ୍ରଶ୍ନାବଳୀର ଉତ୍ତର ରଖେ।*

*ଏହାର ସମାଧାନର ବାଟ ଖୋଜେ।।*

*ଯୁଦ୍ଧ ନୁହେଁ, ବଂଚିବାର ରାହା ଯୋଗାଏ ସାହିତ୍ୟ। ଧ୍ୱଂସ ନୁହଁ, ସୃଷ୍ଟିକୁ ସଂରଚନା କରେ ସୁନ୍ଦର ଭାବେ ସାହିତ୍ୟ। ଲୁହ ନୁହେଁ, ହସକୁ ବିଭୋରପଣରେ ବିପୁଳାୟନ ଦିଏ ସାହିତ୍ୟ। ସୀମାରେ ସୀମିତ ନରହି ଅସୀମର ବାର୍ତ୍ତାଦିଏ ସାହିତ୍ୟ। ଜୀବନର ଜୟଗାନ କରି ବଂଚି ରହିବାର ମହାମନ୍ତ୍ର ଦିଏ ସାହିତ୍ୟ।"*

ପୂଜା ସଂଖ୍ୟା ସମ୍ପାଦକୀୟ ବକ୍ତବ୍ୟରେ କହିଛନ୍ତି ପ୍ରତିବେଶୀର ସମ୍ପାଦକ ପୀତାମ୍ବର ବାରିକ ମହୋଦୟ ।

ଏହି ସଂଖ୍ୟାରେ ପ୍ରବନ୍ଧ ବିଭାଗରେ ଅସିତ ମହାନ୍ତି, ବାବାଜୀ ଚରଣ ପଟ୍ଟନାୟକ, ରବୀନ୍ଦ୍ର ପ୍ରସାଦ ପଣ୍ଡା, ଶତ୍ରୁଘ୍ନ ପାଣ୍ଡବ, ଦମୟନ୍ତୀ ବେଶ୍ରା, ଗୌରହରି ଦାସ, ସୁଧା ଦାଶ, ପ୍ର. ଆଦିକନ୍ଦ ସାହୁ, ଆଲୋକ ବରାଳ, ପ୍ରଭାକର ସ୍ୱାଇଁ, ଅଂଶୁମନ ଆରା, ପ୍ରକାଶ ପରିଡା, ଶୈଳଜ ରବି, ନଟବର ଶତପଥୀ, ସ୍ମରଣ କୁମାର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ସ୍ୱାଧୀନ ଚନ୍ଦ୍ର ପ୍ରଧାନ, ଶିଶିର ବେହେରାଙ୍କ ବହୁ ଉପାଦେୟ ଲେଖା ସ୍ଥାନ ପାଇଥିବା ବେଳେ ଗଳ୍ପରେ ନାରୁ ମହାନ୍ତି, ଦାଶ ବେନହୁର, ନୃସିଂହ ତ୍ରିପାଣୀ, ଅଧ୍ୟାପକ ବିଶ୍ୱରଂଜନ, ପରେଶ ପଟ୍ଟନାୟକ, ଅରବିନ୍ଦ ରାୟ, ରବି ସ୍ୱାଇଁ, କୃପାସାଗର ସାହୁ, ଅମରେଶ ବିଶ୍ୱାଳ, ପ୍ରଦୀପ ନାୟକ, ବିନୋଦ, ଡିଲେଶ୍ୱର ରଣା, କବିତା ବାରିକ, ସୁପ୍ରିୟା ପାଲ, ଅନୀଲ ପଢ଼ୀ, ଅଶୋକ କୁମାର ମିଶ୍ର ପ୍ରମୁଖଙ୍କ ଭଲ ଗଳ୍ପ ପ୍ରକାଶ ପାଇଛି ।

କବିତାରେ ଶ୍ରୀନିବାସ ଉଦ୍‌ଗାତା, ହରପ୍ରସାଦ ଦାସ, ହରିହର ମିଶ୍ର, ଫନୀ ମହାନ୍ତି, ହୃଷୀକେଶ ମଲ୍ଲିକ, ଗିରିଜା କୁମାର ବଳୀୟାରସିଂହ, ରବିନାରାୟଣ ସେନାପତି, ଅଜୟ ସ୍ୱାଇଁ, କମଳ କୁମାର ମହାନ୍ତି, ସମରେନ୍ଦ୍ରନାଥ ମହାପାତ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ, ରକ୍ଷକ ନାୟକ, ଶ୍ରୀଦେବ, ବିରଜା ବଳ, ବିମଳ ଜେନା, ଭରତ ମାଝୀ, ଅମିୟ ରଂଜନ ମହାପାତ୍ର, ସୂର୍ଯ୍ୟସ୍ନାତ ତ୍ରିପାଠୀ, ଯଶୋଧାରା ମିଶ୍ର, ଅପର୍ଣ୍ଣା ମହାନ୍ତି, ଗାୟତ୍ରୀବାଳା ପଣ୍ଡା, ସୁଚେତା ମିଶ୍ର, ଶୁଭଶ୍ରୀ ଲେଙ୍କା, ସ୍ୱପ୍ନା ମିଶ୍ର, ପ୍ରୀତିଧାରା ସାମଲ, ରୁନୁ ମହାନ୍ତି, ଇପ୍ସିତା ଷଡଙ୍ଗୀ, ପୁଷ୍ପା ଧଳ ମହାପାତ୍ର, ଅଙ୍ଗୁରବାଳା ପରିଡା, ହରିଶ୍ଚନ୍ଦ୍ର ବେହେରା, ସୁରେନ୍ଦ୍ର ପାଣିଗ୍ରାହୀ, ପ୍ରେମାନନ୍ଦ ଆର୍ଯ୍ୟବ୍ରତ ଦାସ ପ୍ରମୁଖଙ୍କ ଅନେକ ଚମତ୍କାର କବିତା ସ୍ଥାନିତ ହୋଇଛି । ଏଥିରେ ପ୍ରକାଶିତ ଗୀତିକବିତା, ଅନୁବାଦ କବିତା, ବ୍ୟଙ୍ଗ କବିତା, ଭ୍ରମଣ କାହାଣୀ ଓ ପୁସ୍ତକ ସମୀକ୍ଷା ମଧ ବେଶ୍ ହୃଦୟଗ୍ରାହୀ । ବିଳମ୍ବରେ ପ୍ରକାଶିତ ହେଲେ ମଧ ପ୍ରତିବେଶୀ ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିଛି ।

# ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ 'ପକ୍ଷୀପାଇଁ ଦିନଟିଏ' କାର୍ଯ୍ୟକ୍ରମ




ବାଲେଶ୍ୱର, ୨୭/୪ (ନି.ପ୍ର): ବିଶ୍ୱ ତାପାୟାନ ସମସ୍ୟା ଯୋଗୁଁ ଅତ୍ୟଧିକ ତାପମାତ୍ରା ବୃଦ୍ଧି, ବ୍ୟାପକ ଗଛକଟା ଓ ଜଙ୍ଗଲ ଧ୍ୱଂସ ତଥା ଚାରିଆଡ଼େ ଅସଂଖ୍ୟ ମୋବାଇଲ ଟାୱାରର ବିକରଣ ଯୋଗୁଁ ବହୁପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି ବା ଘନ ଜଂଗଲ ଭିତରକୁ ଚାଲିଯାଉଛନ୍ତି। ସହର ବଜାରରେ ଆଉ ଆଗଭଳି ପକ୍ଷୀମାନଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁନି। ଫଳରେ ମଣିଷ ସମାଜ ସହିତ ପକ୍ଷୀକୁଳର ସଂପର୍କ କ୍ରମେ ଶିଥିଳ ହେବାକୁ ବସିଛି। ବହୁ ପ୍ରଜାତିର ପକ୍ଷୀ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବା ପରି ଲାଗୁଛି। କଂକ୍ରିଟ ଜଙ୍ଗଲର ସ୍ଥାପନା ଓ ଦିନକୁ ଦିନ ତାପମାତ୍ରା ବୃଦ୍ଧି ଓ ଗଡ଼ିଆପୋଖରୀ ସବୁ କାଳକ୍ରମେ ପୋତିହୋଇ ପଡ଼ିବା ଯୋଗୁଁ ପାଣି ଟୋପେ ପାଇଁ ଓ ଖାଦ୍ୟାଭାବ ପାଇଁ ଡହଳବିକଳ ହେଉଛନ୍ତି ପକ୍ଷୀ। ଏହାକୁ ଅନୁଭବ କରି ପକ୍ଷୀମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଲୋକ କଲ୍ୟାଣକାରୀ ସାମାଜିକ ସଂଗଠନ ବ୍ରଜେନ୍ଦ୍ର କୁମାର ପରିଡ଼ା ଫାଉଣ୍ଡେସନ 'ଓ' ହିମାଂଶୁ ହରି ଫାଉଣ୍ଡେସନ ଆନୁକୂଲ୍ୟରେ 'ପକ୍ଷୀପାଇଁ ଦିନଟିଏ' ନାମରେ ଏକ ଜନ ସଚେତନତାମୂଳକ କାର୍ଯ୍ୟକ୍ରମ ବାଲେଶ୍ୱର ସହର ଫକୀରମୋହନ ଗୋଲେଇ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ରଜେନ୍ଦ୍ର କୁମାର ପରିଡ଼ା ଫାଉଣ୍ଡେସନର ସଂସ୍ଥାପିକା ବାସନ୍ତୀମଣି ଦାସ ଓ ହିମାଂଶୁ ହରି ଫାଉଣ୍ଡେସନର ମୁଖ୍ୟ ସଂଗ୍ରାମ ଦାସଙ୍କ ଆବାହକତ୍ୱରେ ଏବଂ କବି ତଥା ସମାଜସେବୀ ସୁଧାକର ସେଠୀଙ୍କ ସଂଯୋଜନାରେ ୨୭ ତାରିଖ ସକାଳ ୭ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ କବି ସମାଜସେବୀ ଅଭୟ ଦାସ ଓ ଏଥିରେ ମୁଖ୍ୟ ଅତିଥିଭାବରେ ଯୋଗଦେଇଥିଲେ ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ। 'ପକ୍ଷୀ ପାଇଁ ଦିନଟିଏ' ଶୀର୍ଷକ ଏକ କବିତା ପାଠୋତ୍ସବରେ ପକ୍ଷୀଙ୍କୁ ନେଇ କବିତାମାନ ପାଠ କରିଥିଲେ ବହୁ ଖ୍ୟାତନାମା କବି। ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ତଥା କବି ଭାବରେ ଯୋଗଦେଇଥିଲେ ଯଶୋଧାରା ଦାସ, ପ୍ରଭାକର ସାହୁ, ମୁରଲୀଧର ନାୟକ, ପରିବେଶବିତ୍ ଜଳେନ୍ଦ୍ର ମହାଲିକ, ଇଂ ନୀଳାମ୍ବର ପଣ୍ଡା, ଇଂ ବସନ୍ତ କୁମାର ବେହେରା, ଦେବଯାନୀ ଦାସ, ରାଜଦର୍ଶୀ ଦାଶ, ଶ୍ରୀରୂପା ମଂଜରୀ ସେନ୍, ମାଳତିମଣି ଧଳ, ଝରଣା ମଲ୍ଲିକ, ସୁକାନ୍ତି ରାଉତ, ବିନିତା ମହାନ୍ତି, ସୁକୁମାରୀ ପାଲ, ଦେବାଶିଷ ସିଂହ, ସତ୍ୟବ୍ରତ ସ, ଅଭିଷେକ ପରିଡ଼ା, ଏସଏନ ଲିପ୍‌ସା, ରଣଜିତ୍ ବେହେରା, ଜୀତେନ୍ଦ୍ର ଦାସ ଓ ଓମ୍ ଦାସ। ଶିଳ୍ପୀ କେଶୁ ଦାସ ଆଭାସୀ ରୂପରେ ଚିତ୍ରାଙ୍କନ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହେବା ସଂଗେ ସଂଗେ ଏହାର ସଫଳ ରୂପାୟନରେ ସହଭାଗୀ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଗଛ ଓ ଡାଳରେ ପାଣି ପାତ୍ର ଓ ଖାଦ୍ୟ ପାତ୍ରମାନ ଟଙ୍ଗାଯିବା ସଂଗେ ସଂଗେ ସାଂକେତିକ ଭାବରେ ସେଗୁଡ଼ିକରେ ଜଳପୂର୍ଣ୍ଣ କରାଯାଇଥିଲା ଓ ଭିଜାବୁଟ, ମୁଗ, ଗହମ ଓ ଖୁଦ ଭର୍ତ୍ତି କରାଯାଇଥିଲା। ଉପସ୍ଥିତ କବି ଏବଂ ସାମାଜିକ କର୍ମୀ ମାନେ ନିଜ ଘରେ ଏବଂ ନିଜ ଅଂଚଳରେ ବହୁସଂଖ୍ୟକ ଜଳ ଓ ଖାଦ୍ୟ ପାତ୍ର ପଶୁପକ୍ଷୀମାନଙ୍କ ନିମନ୍ତେ ବ୍ୟବସ୍ଥା କରିବା ଲାଗି ନିଜ ନିଜ ସ୍ତରରେ ଉଦ୍ୟମ କରିବା ଏବଂ ଲୋକମାନଙ୍କୁ ସଚେତନ କରିବା ଲାଗି ସଙ୍କଳ୍ପବଦ୍ଧ ହୋଇଥିଲେ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଜଳସେବା ଶିବିର ଉଦ୍‌ଘାଟିତ

ମାଲକାନଗିରି, ୨୭/୪ (ନି.ପ୍ର): ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ତରଫରୁ ବ୍ୟାଙ୍କ ପ୍ରାଙ୍ଗଣରେ ଜଳସେବା ଶିବିର ଉଦଘାଟିତ ହୋଇଯାଇଅଛି । ଏହି ଶିବିରକୁ ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଉଦଘାଟନ କରିଥିଲେ । ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ମୁଖ୍ୟ ପରିଚାଳକ ଦେବଦତ୍ତ ସେଠୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ମାଲକାନଗିରିର ତାପମାତ୍ରା ସାଧାରଣତଃ ୪୨ଡିଗ୍ରୀରୁ ଉର୍ଦ୍ଧ୍ୱରେ ରହିଥିବାରୁ ଅଂଶୁଘାତ ର ସମ୍ଭାବନାକୁ ଏଡାଇବା ପାଇଁ ଏଭଳି କାର୍ଯ୍ୟକ୍ରମ କରାଯାଉଥିବାରୁ ଗ୍ରାହକଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ଜୁନ ମାସ ୧୪ ତାରିଖ ପର୍ଯ୍ୟନ୍ତ ସୁଶୀତଳ ଥଣ୍ଡା ପାନୀୟ ର ବନ୍ଦୋବସ୍ତ କରାଯାଇଛି । ପ୍ରଥମ ଦିନ ଦହି ଚହ୍ଲା ପାଣି ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା !ଏହି ଅବସରରେ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଫୁଲବାଣୀ ପୌର ପରିଷଦରେ ବିଜେଡ଼ିର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ

କନ୍ଧମାଳ, ୨୭/୪ (ନି.ପ୍ର): ଫୁଲବାଣୀ ପୌର ପରିଷଦର ୩ ନମ୍ବର ୱାର୍ଡରେ ବିଜୁ ଜନତା ଦଳର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କିଶୋର ଛୋଟରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ନଗର ସଭାପତି ବିମଳେନ୍ଦୁ ପାଢ଼ୀ, ପୌରପରିଷଦ ଉପାଧକ୍ଷା ପାୟଲ ବେହେରା, ୭ ନମ୍ବର ୱାର୍ଡ଼ କାଉନସିଲର ଟୁନି ସେଠି, ୧୩ ନମ୍ବର କାଉନସିଲର ମାଧବୀ ମିଶ୍ର, ରାଜ୍ୟ ଯୁବ ବିଜେଡ଼ି ର ସମ୍ପାଦକ ଶତ୍ରୁଘ୍ନ ମହାନନ୍ଦିଆ, ପୂର୍ବତନ କାଉନସିଲର ଭାଗବତ ବେହେରା, ବିଜେଡି ନେତା କମଳ ବେହେରା, ସଦସ୍ୟ ରାଧାମୋହନ ମହାପାତ୍ର, ୱାର୍ଡ଼ ସଭାପତି ସରୋଜ ଦିଗାଲ, ନଗର ସମ୍ପାଦିକା ସୁଚିତ୍ରା ନାୟକ, ଜିଲ୍ଲା ମହିଳା ଉପ ସଭାନେତ୍ରୀ ନମିତା ବେହେରା ଏବଂ ୱାର୍ଡ଼ ର ମୁଖ୍ୟ ଓ ସକ୍ରିୟ କର୍ମୀ ମାନଙ୍କ ଉପସ୍ଥିତିରେ ୩ ନମ୍ବର ୱାର୍ଡର ସ୍ୱାଧୀନ କାଉନସିଲର ସୁଶ୍ରୀ ବିରଜା କହଁରଙ୍କୁ ବିଜୁ ଜନତା ଦଳରେ ସାମିଲ୍ କରାଯାଇଥିଲା। ବିରଜା ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡିରେ ସାମିଲ୍ ହେବା ପାଇଁ ଆଗ୍ରହ ପ୍ରକାଶ କରି ଦରଖାସ୍ତ ଦେଇଥିଲେ। ତାକୁ ବିଚାର କରି ଆଜି ବିଧିବଦ୍ଧ ଭାବେ ତାଙ୍କୁ ଦଳରେ ସାମିଲ୍ କରାଯାଇଛି। ଆଜିର ବୈଠକରେ ଆଗାମୀ ନିର୍ବାଚନରେ ବିଧାୟିକା ପ୍ରାର୍ଥୀନି ଶ୍ରୀମତୀ ଜୟଶ୍ରୀ କହଁର ଓ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟ କରିବାକୁ କର୍ମୀ ଓ ନେତା ମାନେ ସଂକଳ୍ପ ନେଇଥିବା ଫୁଲବାଣୀ ନଗର ସଭାପତି ବିମଳ ପାଢ଼ୀ ସୂଚନା ଦେଇଛନ୍ତି।

# ଆଠମଲ୍ଲିକରେ କେନ୍ଦ୍ରମନ୍ତ୍ରୀଙ୍କ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ପ୍ରଚାର




ଆଠମଲ୍ଲିକ, ୨୭/୪ (ନି.ପ୍ର): ଏଥର ଆଠମଲ୍ଲିକ, ଅନୁଗୋଳ ଏବଂ ଓଡ଼ିଶାରେ ନିଶ୍ଚୟ ପରିବର୍ତ୍ତନ ହେବ । ମୋଦୀ ଗ୍ୟାରେଣ୍ଟିରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ, ଉତ୍ତମ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ସୁବିଧା ସହ ରୋଜଗାର ଉପଲବ୍ଧ କରାଇବା ପାଇଁ ପରିବର୍ତ୍ତନ ହେବ ବୋଲି ଅନୁଗୋଳରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି ସମ୍ବଲପୁର ଲୋକସଭା ସାଂସଦ ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶନିବାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଅନ୍ତୁଲିଆରେ ଆୟୋଜିତ ହଜାର ହଜାର ଲୋକଙ୍କ ସହ ବିଶାଳ ପଦଯାତ୍ରାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିଛନ୍ତି । ସେଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବିରୋଧୀମାନେ ବିକାଶକୁ ପାରୁନଥିବା ମୁଖ୍ୟମନ୍ତ୍ରୀ କହୁଛନ୍ତି । ଓଡ଼ିଶାର ଗାଁରେ ପିଇବା ପାଣି ନାହିଁ । ଚାଷ ଜମିରେ ପାଣି ନାହିଁ । ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ସ୍କୁଲ ଗୁଡିକରେ ଶିକ୍ଷକ ନାହାନ୍ତି । ପିଲାମାନେ ଅଧାରୁ ପାଠପଢା ଛାଡୁଛନ୍ତି । ଗାଁରେ ଗାଁରେ କାମ ଧନ୍ଦା ଆଶାରେ ଲୋକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଓଡ଼ିଶାରେ ୬୦ ପ୍ରତିଶତ ମହିଳା ରକ୍ତହୀନତା ଏବଂ ଶିଶୁମାନେ ଅପପୁଷ୍ଟିର ଶୀକାର । ଏହାକୁ ମୁଖ୍ୟମନ୍ତ୍ରୀ ବିକାଶ କହୁଛନ୍ତି କି ? ମୁଖ୍ୟମନ୍ତ୍ରୀ ଭିଡିଓରେ ଅଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିମୋର୍ଟ କଣ୍ଟ୍ରୋଲ ଅଣଓଡ଼ିଆ ଗୁମାସ୍ତା ପାଖରେ ପହଞ୍ଚିଲାଣି । ଏହା ଓଡ଼ିଆ ଅସ୍ମିତାର ପ୍ରଶ୍ନ । ଓଡ଼ିଶା କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ଏକଛତ୍ରବାଦ କିମ୍ବା ରାଜତନ୍ତ୍ର ନୁହେଁ । ଏହା ଗଣତନ୍ତ୍ର । ଲୋକମାନେ ଯାହାକୁ ଚାହିଁବେ ତାକୁ ଜିତିବେ । ଓଡ଼ିଆ ଲୋକଙ୍କ କର ଖଜଣାରେ ଯେଉଁ ସରକାରୀ ବାବୁ ଦରମା ନେଇ ଓଡ଼ିଶାକୁ କବଜା କରିବାକୁ ଚାହୁଁଛନ୍ତି, ତାହା ବିରୁଦ୍ଧରେ ଜନମତ ହେବ । ଆମ ରାଜ୍ୟରେ ଓଡ଼ିଆ ଭାଷା, ସଂସ୍କୃତି ଏବଂ ଓଡ଼ିଆ ଲୋକଙ୍କର ଭବିଷ୍ୟତ ଆଜି ଅନ୍ଧାରରେ । ଆମ ରାଜ୍ୟର ନେତା ଓଡ଼ିଆ ଲୋକ ହେବା ଦରକାର । ଓଡ଼ିଶାରେ ଭ୍ରଷ୍ଟ, ଦୁର୍ନୀତିଗ୍ରସ୍ତ ଓ ଅତ୍ୟାଚାରୀ ସରକାରକୁ ବଦଳାଇବା ଦରକାର । ଓଡ଼ିଆ ଭାଷା, ଅସ୍ମିତା ଓ ସ୍ୱାଭିମାନକୁ ବଞ୍ଚାଇବା ପାଇଁ ଆମେ ସମସ୍ତେ ପଦ୍ମଫୁଲରେ ଭୋଟ୍ ଦେବା । ଓଡ଼ିଶା ଏବଂ ଦେଶରେ ବିଜେପି ସରକାର ଗଠନ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ ଆହୁରି କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ଲୋକପ୍ରିୟତା କ୍ରମାଗତ ଭାବେ ବଢିବାରେ ଲାଗିଛି । ନିର୍ବାଚନ ଯେତେ ପାଖେଇ ଆସିବ, ମୋଦୀଙ୍କ ପ୍ରତି ସମର୍ଥନ ସେତେମାତ୍ରାରେ ବୃଦ୍ଧି ପାଉଥିବ । ଲୋକସଭାକୁ ଏଥର ସର୍ବାଧିକ ସିଟ୍ ଓଡ଼ିଶା ଦେବ । ବିଧାନସଭାରେ ପଞ୍ଚ ପରିବର୍ତ୍ତନ ହେବ । ଭୁବନେଶ୍ୱରରେ ପ୍ରଥମ ଥର ଓ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ହେବ । ପ୍ରଚାର କାଳରେ ଶ୍ରୀ ପ୍ରଧାନ ଓଗୀ ସ୍ଥିତ ମା' ବନଦୁର୍ଗା ମନ୍ଦିରରେ ଦର୍ଶନ କରିଥିଲେ । ପଦଯାତ୍ରାରେ ଶତାଧିକ ଜନସାଧାରଣ, ମାତୃଶକ୍ତି ଓ ଯୁବବର୍ଗମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ।

# ଭାରତ ସ୍କାଉଟ୍ସ ଓ ଗାଇଡ୍ସ ତରଫରୁ ଜଳଦାନ ଶିବିର

କେନ୍ଦ୍ରାପଡ଼ା, ୨୭/୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ତରଫରୁ ଜଳଦାନ ଶିବିର ଭାରତୀ ବିଦ୍ୟା ମନ୍ଦିର ନିକଟରେ ଉଦ୍‌ଘାଟନ ହୋଇଯାଇଛି। ବିଦ୍ୟାଳୟର ସଂପାଦକ ଶାନ୍ତିସ୍ୱରୂପ ଭୂୟାଁ, ସଭାପତି ଅଶ୍ୱିନୀ କୁମାର ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ବିଜୟିନୀ ଦାସ, ଗାଇଡ ଶିକ୍ଷକ ଚନ୍ଦନ ଚର୍ଚ୍ଚିତ ମହାପାତ୍ର, ଶରତ ଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି ପ୍ରବଳ ଗ୍ରୀଷ୍ମ ତାପରେ ରାସ୍ତାରେ ଯାତାୟତ କରୁଥିବା ପ୍ରାୟ ଶତାଧିକ ପଥଚାରୀଙ୍କୁ ଦହି ପଣା ଓ ଗ୍ଲୁକୋଜ ମିଶ୍ରିତ ପାନୀୟ ଜଳ ବଂଟନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦି ରଥ, ପ୍ରଭାତୀ ସାମନ୍ତରାୟ, ନିରଞ୍ଜନ କର, ଶୁଭ୍ରା ପ୍ରିୟଦର୍ଶନୀ ସାହୁଙ୍କ ସମେତ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ସେହିଭଳି ନୂଆ ବସଷ୍ଟାଣ୍ଡ ଠାରେ ଥିବା ଆକଶ ଫାର୍ମାସୀ କଲେଜରେ ଜଳଛତ୍ର ଉଦ୍‌ଘାଟନ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଅକ୍ଷୟ କୁମାର ପତି, ସଭାପତି ସ୍ୱାଗତ କୁମାର ପତି, ଅଧ୍ୟକ୍ଷ ଡ଼ଃ ପ୍ରସନ୍ନ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ବସଷ୍ଟାଣ୍ଡରେ ଯାତାୟତ କରୁଥିବା ହଜାର ହଜାର ଯାତ୍ରୀମାନଙ୍କୁ ଦହିପଣା ଲେମ୍ବୁପାଣି ଓ ଗ୍ଲୁକୋଜ ବଂଟନ କରିଥିଲେ। ଏହି ଅନୁଷ୍ଠାନ ପ୍ରତ୍ୟେକ ବର୍ଷ ଜନ ସାଧାରଣଙ୍କ ହିତପାଇଁ ଗରିବ ଓ ଅସହାୟଙ୍କୁ ସାହାଯ୍ୟ କରିବା ସହ ଅନେକ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବାରୁ ସ୍ଥାନୀୟ ଅଂଚଳରେ ବେଶ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବୁଢୀ ମା'ଙ୍କ ନୂତନ ମନ୍ଦିର ଓ ପ୍ରତିଷ୍ଠା ଉତ୍ସବ

ପୁରୀ, ୨୭/୪ (ନି.ପ୍ର): ପୁରୀ ନରେନ୍ଦ୍ର କୋଣ ସ୍ଥିତ ଶକ୍ତି ବିହାର ମା ବୁଢୀମା ନାଗା କମିଟି ପକ୍ଷରୁ ମା ବୁଢୀମାଙ୍କ ନୂତନ ମନ୍ଦିର ଓ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱର କଲ୍ୟାଣ, ମାନବର ସଦଗତି ଅଜ୍ଞାନରୁ ଜ୍ଞାନର ଆଲୋକ ପ୍ରାପ୍ତି ପାଇଁ ସ୍ଥାନୀୟ ବାସିନ୍ଦା ମାନେ ଏହି ମନ୍ଦିର ନିର୍ମାଣ କରିଛନ୍ତି । ମା ବୁଢୀମା ସତୁରି ବର୍ଷ ଧରି ସାହାଡା ଗଛ ମୂଳରେ ପୂଜା ପାଉଥିଲେ । ମାଙ୍କ କରୁଣାରୁ ନୂତନ ମନ୍ଦିର ନିର୍ମାଣ ପରେ ମାଙ୍କ ମୁଖ ସ୍ଥାପନ ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଯାଇଛି । ବୈଦିକ ବିଧି ବିଧାନ ଅନୁସାରେ କଳସ ଶୋଭାଯାତ୍ରା କରାଯାଇଥିଲା । ନରେନ୍ଦ୍ର ପୁଷ୍କରିଣୀରୁ କଳସରେ ପାଣି ଭର୍ତି କରି ଦୁଇଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ଶୋଭାଯାତ୍ରାରେ ବାଜା ଘଂଟ ଓ କାହାଳୀ ସହ ମାଙ୍କ ମନ୍ଦିରରେ ପାରମ୍ପରିକ ନୀତିରେ ପହଂଚି ଥିଲେ । ଏହି ଶୋଭାଯାତ୍ରାରେ ବାଜା ଘଂଟ ଓ ମୃଦଙ୍ଗ ଧ୍ୱନୀରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଯଜ୍ଞ ପାଇଁ ୨୬ ତାରିଖରେ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା । ୨୭ ତାରିଖରେ ଠାକୁରଙ୍କ ସ୍ନାନ ଓ ଜଳଯାତ୍ରା, ଦେବୀଙ୍କ ସ୍ନାନ ଓ ବିଶ୍ରାମ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଷ୍ଠା ଉତ୍ସବ ଯଜ୍ଞରେ କର୍ତା ଭାବେ ରାଜକିଶୋର ସିଂହ ଓ କର୍ତି ଭାବେ ରାଜଶ୍ରୀ ସିଂହ ଉପସ୍ଥିତ ରହି ସମ୍ପାଦନ କରିଥିଲେ । କମିଟିର ସଭାପତି ବାବୁଲି ପ୍ରଧାନ, ଉପସଭାପତି ହୁକୁନା ଦାସ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ବାବୁନା ଦାସ, କୋଷାଧକ୍ଷ ଏମଡି ରଫିପ ପ୍ରମୁଖ ଏହି ଧାର୍ମିକ କାର୍ଯ୍ୟକୁ ପରିଚାଳନା କରୁଛନ୍ତି । ବିରଂଚି ନାରାୟଣ ଦାସ, ବଳରାମ ଦାସଙ୍କ ସମେତ କମିଟିର ବହୁ ସଦସ୍ୟ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆସନ୍ତା ୨୮ ତାରିଖ ରବିବାରରେ ଯଜ୍ଞ କାର୍ଯ୍ୟ, ଦେବାଦେବୀଙ୍କ ପୂଜନ, ଘୃତ ଆହୁତି, ସଂନ୍ଧ୍ୟା ନ୍ୟାସ ଓ ବିଶ୍ରାମ ନୀତି ଅନୁଷ୍ଠିତ ହେବ । ୨୯ ତାରିଖ ସୋମବାରରେ ନ୍ୟାସ, ଦେବୀ ଯଜ୍ଞ ମଣ୍ଡପରେ ବିଜେ ଓ ଚଣ୍ଡୀପାଠ ସହ ଆହୁତି ପ୍ରଦାନ କରାଯିବ । ଏଥିସହିତ ନଗର ବିଜେ ଓ ମନ୍ଦିରରେ ମା ବିଜେ କରିବେ । ୩୦ ତାରିଖ ମଙ୍ଗଳବାରରେ ସୂର୍ଯ୍ୟ ପୂଜା, ଗୀତାପାଠ, ବଡସିଂହାର ବେଶ, ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର କର୍ମକର୍ତା ମାନେ ସୂଚନା ପ୍ରଦାନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ହାଇଭୋଲଟେଜ...

ନିର୍ବାଚନୀ ପ୍ରଚାର ପାଇଁ ଆସୁଥିବାରୁ କର୍ମୀଙ୍କୁ ସେ କ'ଣ ଗୁରୁମନ୍ତ୍ର ଦେଉଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ରାହୁଲ ଗାନ୍ଧି ନିର୍ବାଚନୀ ପ୍ରଚାର ପାଇଁ ଓଡ଼ିଶା ଆସୁଥିବାରୁ ସେ ନିଜର ଦଳୀୟ ନେତାଙ୍କୁ କ'ଣ ଗରୁମନ୍ତ୍ର ଦେଉଛନ୍ତି, ତାହା ଉପରେ ମଧ ନଜିର ରହିଛି। ରାହୁଲ ଗାନ୍ଧିଙ୍କ ପୂର୍ବରୁ କଂଗ୍ରେସର କେଉଁ ହେଭିୱେଟ ନେତା ପ୍ରଚାର ମଇଦାନକୁ ଓହ୍ଲାଇ ନଥିଲେ। କାଲି ଦୁଇ ହେଭିୱେଟ ନେତା ଓଡ଼ିଶା ଆସୁଥିବାରୁ କଂଗ୍ରେସ ଓ ବିଜେପି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

### ତାତିରେ ରେକର୍ଡ କଲା...

ବଲାଙ୍ଗିରରେ ୪୩.୫ ଡିଗ୍ରୀ, ଯାଜପୁରରେ ୪୩.୫ ଡିଗ୍ରୀ, ତାଳଚେରରେ ୪୩.୫ ଡିଗ୍ରୀ, ନୟାଗଡ଼ରେ ୪୩.୫ ଡିଗ୍ରୀ, କଟକରେ ୪୩.୪ ଡିଗ୍ରୀ, ଟିଟିଲାଗଡ଼ରେ ୪୩ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୮ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୨.୮ ଡିଗ୍ରୀ, ମାଲକାନଗିରିରେ ୪୨.୭ ଡିଗ୍ରୀ, ରାଉରକେଲାରେ ୪୨.୭ ଡିଗ୍ରୀ, ଜଗତସିଂହପୁରରେ ୪୨.୫ ଡିଗ୍ରୀ ଓ ଚାନ୍ଦବାଲିରେ ତାପମାତ୍ରା ୪୨.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁରରେ ୪୨.୨ ଡିଗ୍ରୀ, ଭଦ୍ରକରେ ୪୨.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୨.୨ ଡିଗ୍ରୀ, ହୀରାକୁଦରେ ୪୨.୧ ଡିଗ୍ରୀ, ସୋନପୁରରେ ୪୧.୮ ଡିଗ୍ରୀ, ବାଲେଶ୍ୱରରେ ୪୧.୭ ଡିଗ୍ରୀ,କେନ୍ଦୁଝରରେ ୪୧.୫ ଡିଗ୍ରୀ, ରାୟଗଡ଼ାରେ ୪୧.୪ ଡିଗ୍ରୀ, ଫୁଲବାଣୀରେ ୪୦.୮ ଡିଗ୍ରୀ, ଖୋର୍ଦ୍ଧାରେ ୪୦.୫ ଡିଗ୍ରୀ, ବରଗଡ଼ରେ ୪୦.୫ ଡିଗ୍ରୀ, ଛତ୍ରପୁରରେ ୪୦ ଡିଗ୍ରୀ, ଦେବଗଡ଼ରେ ୪୦ ଡିଗ୍ରୀ, ନବରଙ୍ଗପୁରରେ ୩୯ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୮ ଡିଗ୍ରୀ, କୋରାପୁଟରେ ୩୭.୮ ଡିଗ୍ରୀ, ଗୋପାଳପୁରରେ ୩୫.୪ ଡିଗ୍ରୀ, ପୁରୀରେ ୩୪.୭ ଡିଗ୍ରୀ ଓ ପାରାଦୀପରେ ତାପମାତ୍ରା ୩୩.୬ ଡିଗ୍ରୀ ରେକର୍ଡ କରାଯାଇଛି।

### ନିର୍ବାଚନ ଲଢ଼ିବେ....

ପ୍ରାର୍ଥ କରିବାକୁ ସମସ୍ତେ ଦାବି କରିଥିଲେ। ସେପଟେ ଦେଖିବାକୁ ସୋଫିଆ ଜଣେ ଉଚ୍ଚ ଶିକ୍ଷିତା। ସେ ବ୍ୟବସାୟରେ ନିଜକୁ ସକ୍ରିୟ ରଖିଛନ୍ତି। ଏଥିସହ ରାଜନୀତିରେ ବାପାଙ୍କ ପାଖେ ପାଖେ ରହିଛନ୍ତି। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ସେ ଲୋକଙ୍କ ପାଖକୁ ଯାଇ ଭୋଟ୍ ମାଗିଥିଲେ। ତାଙ୍କର ରାଜନୈତିକ ଅଭିଜ୍ଞତା ରହିଛି। କଟକର ସବୁ କଂଗ୍ରେସ କର୍ମୀ ତାଙ୍କ ସହ ଅଛନ୍ତି। ତେଣୁ ସେ ନିର୍ବାଚନ ଲଢ଼ିଲେ ଖୁବ୍ ସହଜରେ ବିଜୟ ଲାଭ କରିବେ ବୋଲି କର୍ମୀଙ୍କ ମହଲରେ ମତପ୍ରକାଶ ପାଇଛି।

### ଜଳିଗଲା ୩୬ ...

ଆରମ୍ଭ କରିଥିଲେ। ବସ୍‌ରେ ନିଆଁ ଲାଗିବା କାରଣରୁ ମୁମ୍ବାଇ ପୁଣେ ଏକ୍ସପ୍ରେସ ରାଜପଥରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଏହି ପୂରା ଘଟଣାର ଦୃଶ୍ୟ ସାମ୍ନାକୁ ଆସିଛି। ଭିଡିଓରେ ବସ୍‌ଟି ଭୟଙ୍କର ଭାବେ ହୁ ହୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ତେବେ ନିଆଁକୁ ଆୟତ୍ତ କରିବା ପରେ ଜାତାୟତ ସ୍ୱାଭାବିକ ହୋଇଥିବା ପୁଲିସ ସୂଚନା ଦେଇଛି।

### ବିଜେଡ଼ିର ୩ ...

ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର। ଦଳ ସେମାନଙ୍କ ଟିକଟ କାଟିଛି। ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ଟିକଟ କାଟି ରାଜେନ୍ଦ୍ର ସାହୁଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଭୋଗରାଇ ବିଧାୟକ ଅନନ୍ତ ଦାସ ନିଜ ପୁଅକୁ ପ୍ରାର୍ଥୀ କରିବା ପାଇଁ ସୁପ୍ରିମଙ୍କ ପାଖରେ ଲବି କରିଥିଲେ। କିନ୍ତୁ ଦଳ ତାଙ୍କୁ ନିରାଶ କରିଛି। ସେହିପରି ଆଉ ୮ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି । ତେଲକୋଇ ସହିତ କେନ୍ଦ୍ରାପଡା, ଖୋର୍ଦ୍ଧା, ସାଲେପୁର ଆଦି ଆସନ ପାଇଁ ଯୋଦ୍ଧା ଘୋଷଣା କରିଛି ଭାରତୀୟ ଜନତା ପାର୍ଟି । ଅନ୍ୟପଟେ ହିନ୍ଦୋଳ, ଚମ୍ପୁଆ, ବସ୍ତା, ବାସୁଦେବପୁର ପାଇଁ ମଧ ଦଳ ପ୍ରାର୍ଥୀ ଘୋଷଣା କରିଛି । ତେବେ ଦୀର୍ଘ ଦିନର ଚର୍ଚ୍ଚା ଆଲୋଚନା, ଛକାପଞ୍ଝା ପରେ ଖୋର୍ଦ୍ଧାରେ କାର୍ଡ ଖୋଲିଛି ଦଳ । କାଳୁ ଖଣ୍ଡାୟତରାୟଙ୍କ ଟିକେଟ୍ କାଟି ଏହି ଆସନରୁ ଆମଦାନୀ ନେତା ପ୍ରଶାନ୍ତ ଜଗଦେବଙ୍କୁ ଦଳ ଟିକେଟ୍ ଦେଇଛି । ସେହିପରି ସାଲେପୁର ଆସନରେ ଓଲିଉଡ୍ ଅଭିନେତା ତଥା ନିକଟରେ ବିଜେଡି ଛାଡିଥିବା ଅରିନ୍ଦମ ରାୟଙ୍କୁ ଦଳ ଟିକେଟ୍ ଦେଇଛି । ଏହାସହିତ ହିନ୍ଦୋଳରେ ମଧ ପୂର୍ବତନ ବିଧାୟିକା ସୀମାରାଣୀ ନାୟକଙ୍କୁ ଦଳ ଟିକେଟ୍ ଦେଇଛି । ସୀମାରାଣି ଗତ ଦୁଇ ଦିନ ତଳେ ବିଜେଡି ଛାଡି ବିଜେପିରେ ସାମିଲ ହେଇଥିଲେ । ଆଉ ଦଳରେ ସାମିଲ ହେବା ପରେ ପରେ ତାଙ୍କୁ ଟିକେଟ୍ ମିଳିଛି । ସେପଟେ କେନ୍ଦ୍ରାପଡା ଟିକେଟ୍ ଘୋଷଣା ପରେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ମଧ ବିଜେଡି ଛାଡି ବିଜେପିରେ ସାମିଲ ହେଇଥିଲେ । ଆଉ ଦଳ ତାଙ୍କୁ କେନ୍ଦ୍ରାପଡା ଆସନରୁ ଗଣେଶ୍ୱରଙ୍କ ବିରୋଧରେ ଲଢିବା ପାଇଁ ପ୍ରାର୍ଥୀ କରିଛି । ଏହାବାଦ୍ ତେଲକୋଇରୁ ଦଳ ଫକୀର ମୋହନ ନାୟକ, ଚମ୍ପୁଆରୁ ମୁରଲୀ ମନୋହର ଶର୍ମା, ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ ଏବଂ ବାସୁଦେବପୁରରୁ ବାଣୀକଲ୍ୟାଣ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି ।

### ପୁରୀରେ ବ୍ୟାପିଲା ...

ମାତ୍ର ସାହି ବାସିନ୍ଦା ଏହାକୁ ଖଣ୍ଡନ କରିବା ସହ ଅଧିକାରୀଜଣକ ସମ୍ପୂର୍ଣ୍ଣ ମିଛ କହୁଥିବା କହିଛନ୍ତି। ଗତ ବର୍ଷ ବି ପୁରୀର ବାସିଳୀ ସାହି, ମାର୍କଣ୍ଡେଶ୍ୱର ସାହିରେ ଝାଡ଼ାବାନ୍ତି ବ୍ୟାପିଥିଲା। ଚଳିତ ବର୍ଷ ବି ସମାନ ଅବସ୍ଥା। ତେବେ କ'ଣ ପାଇଁ ଏପରି ସ୍ଥିତି ଉପୁଜୁଛି ତାହା ସ୍ପଷ୍ଟ ହୋଇନି।

### ପ୍ରଥମଥର ପାଇଁ ରୋଡ୍ ...

ସେମାନେ ଜଣଙ୍କୁ ଜେଲରେ ରଖିପାରିବେ ବୋଲି କହୁଛନ୍ତି। ଏହା ଏକ ଛତ୍ରବାଦର ପରିଚୟ। ୨୨ ବର୍ଷ ହେଲାଣି ଅରବିନ୍ଦ କେଜ୍ରିୱାଲ ମଧୁମେହ ରୋଗରେ ପୀଡ଼ିତ। ସେ ୧୨ ବର୍ଷ ହେଲା ଇନସୁଲିନ ନେଉଥିଲେ। ଜେଲରେ ତାଙ୍କୁ ଇନସୁଲନ ପାଇଁ ମନା କରାଯାଇଥିଲା। କ'ଣ ସେମାନେ ଅରବିନ୍ଦ କେଜ୍ରିୱାଲଙ୍କୁ ହତ୍ୟା କରିବାକୁ ଚାହୁଁଛନ୍ତି ? ମୁଁ ଜାଣିଛି ଯେ ଆପଣମାନେ କେଜ୍ରିୱାଲଙ୍କୁ ଭଲ ପାଆନ୍ତି ଓ ଏଇଠା ହିଁ ସେମାନଙ୍କର ସମସ୍ୟା। ତାଙ୍କର ଭୁଲ କ'ଣ ? ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସ୍କୁଲ ତିଆରି କରିଥିଲେ। ଲୋକଙ୍କୁ ମାଗଣାରେ ବିଜୁଳି ଦେଇଥିଲେ ଓ ମୋହଲା କ୍ଲିନ ଖୋଲିଥିବା କାରଣରୁ କ'ଣ ତାଙ୍କୁ ଜେଲ ନିଆଯାଇଛି ? ଦେଶ ବର୍ତ୍ତମାନ ଏକଛତ୍ରବାଦୀ ଶାସନ ଆଡ଼କୁ ଯାଉଛି। ଆପଣମାନେ ନଜ ଭୋଟର ଶକ୍ତିକୁ ଜାଣନ୍ତୁ। ମେ' ୨୫ରେ ଆପଣମାନେ ଏକ ଛତ୍ରବାଦ ବିରୋଧରେ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଭୋଟ ଦିଅନ୍ତୁ। ଆମେ ସମସ୍ତେ ଏକାଠି ଲଢ଼ିବା ଓ ଜିତିବା।" କେଜ୍ରିୱାଲଙ୍କ ପରିବାର ପ୍ରତି ଲୋକଙ୍କ ଭଲ ପାଇବା ଥିବାରୁ ଆଜି ଏତେ ସଂଖ୍ୟକ ଲୋକ ସୁନୀତାଙ୍କ ରୋଡ ଶୋ'ରେ ସାମିଲ ହୋଇଥିଲେ ବୋଲି ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି।

### କଂଗ୍ରେସ ସାମ୍ନାରେ ନୂଆ...

କଂଗ୍ରେସ ସରକାରରେ ମୁସଲିମଙ୍କ ପ୍ରଥମ ଅଧିକାର ଥିଲା ବୋଲି ନିକଟରେ ନିର୍ବାଚନୀ ରାଲିରେ କହିଥିଲେ ପ୍ରଧାନମନ୍ତ୍ରୀ ମୋଦୀ । ଏପରିକି ବହୁବାର ମୁସଲିମଙ୍କୁ ସମର୍ଥନ ଲାଗି କଂଗ୍ରେସକୁ ବିଜେପି ନେତାମାନେ ସମାଲୋଚନା ମଧ କରନ୍ତି । ଏଥିପାଇଁ କଂଗ୍ରେସର ହିନ୍ଦୁ ଭୋଟ କମୁଥିବା ଆଶଙ୍କା କରି ଦଳ ଏଥର କମ ମୁସଲିମ ପ୍ରାର୍ଥୀ ଦେଇଥିବା କୁହାଯାଉଛି । ମହାରାଷ୍ଟ୍ରରେ କଂଗ୍ରେସ ଅବା ଏମଭିଏ ମେଂଟ ଗୋଟିଏ ମୁସଲିମ ପ୍ରାର୍ଥୀ ନଦେବାକୁ ନେଇ କଂଗ୍ରେସର ବିଚାରଧାରା ଉପରେ ପ୍ରଶ୍ନ ଉଠାଇଛନ୍ତି ନସିମ ଖାନ । ନସିମ କହିଛନ୍ତି, ଯେତେବେଳେ ତାଙ୍କୁ ମୁସଲିମ ଲୋକ ଅବା ମୁସଲିମ ସଙ୍ଗଠନ ପ୍ରଶ୍ନ କରିବେ କାହିଁକି କଂଗ୍ରେସ ଜଣେ ବି ମୁସଲିମ ପ୍ରାର୍ଥୀ ଦେଲାନି ସେ ତାଙ୍କୁ ଉତର ଦେଇପାରିବେ ନାହିଁ । ତେଣୁ ସେ ପ୍ରଚାରକ ତାଲିକାରୁ ଇସ୍ତଫା ଦେଇଛନ୍ତି । ଏହା ଉପରେ ପ୍ରତିକ୍ରିୟା ରଖି କଂଗ୍ରେସକୁ ଟାର୍ଗେଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ । ସବୁ ମୁସଲିମ ଭୋଟ ପାଇବା ନେଇ କଂଗ୍ରେସ ବିଶ୍ୱାସ କରୁଛି କିନ୍ତୁ କାହିଁକି ମୁସଲିମଙ୍କୁ ଟିକେଟ ଦେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ମହାରାଷ୍ଟ୍ର କଂଗ୍ରେସର କାର୍ଯ୍ୟକାରୀ ସଭାପତି ନସିମ ଖାନଙ୍କ ଏଭଳି ବୟାନ ପରେ ମୁସଲିମ ପାର୍ଟି ଏଆଇଏଆଇଏମ ତାଙ୍କୁ କଂଗ୍ରେସ ଛାଡି ତାଙ୍କ ଦଳରେ ସାମିଲ ହେବାକୁ ଆହ୍ୱନ ଦେଇଛି ।

# ବଡ ସୁକୁରେ କଂଗ୍ରେସର ମିଶ୍ରଣ ପର୍ବ ସହିତ ନିର୍ବାଚନ ପ୍ରଚାର

ଜୟପୁର, ୨୭/୪ (ନି.ପ୍ର): କୋରାପୁଟ ନିର୍ବାଚନ ମଣ୍ଡଳୀ ର ବଡ଼ ସୁକୁ ରେ ଠାରେ କଂଗ୍ରେସ ଦଳ ତରଫରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ବିଧାୟକ ପ୍ରାର୍ଥି କୃଷ୍ଣ କୁଲଦୀପଙ୍କୁ ବଡ ସୁକୁ ଗ୍ରାମବାସୀ କୋରାପୁଟିଆ ବାଜ୍ଣା ଓ ନାଚ କରି ପାଛୋଟି ନେଇଥିଲେ କ୍ଷ ବଡ ସୁକୁ ହାଇସ୍କୁଲ ପଡିଆ ଠାରେ ଏକ ମିଶ୍ରଣ ସଭାର ଆୟୋଜନ କରାଯାଇଥିଲା । ଏହି ମିଶ୍ରଣ ପର୍ବ ରେ ବଡ଼ ସୁକୁ ଗ୍ରାମର ୫୦ ରୁ ଉର୍ଦ୍ଧ ଯୁବକ କଂଗ୍ରେସ ରେ ମିଶିଥିଲେ । ବଡ଼ ସୁକୁ ଗ୍ରାମରେ ଅନେକ ସମସ୍ୟା ଲାଗି ରହିଛି । ଯେପରିକି ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ର ସମସ୍ୟା ଲାଗି ରହିଛି । ବଡ଼ ସୁକୁ ରୁ କୋରାପୁଟ କୁ ଯିବା ପାଇଁ ମାତ୍ର ୧୨ କିଲୋମିଟର ହେଉଥିବା ବେଳେ ବଡ ସୁକୁ ଗ୍ରାମବାସୀ ନନ୍ଦ ପୁର ସେମିଳିଗୁଡା ଦେଇ ୭୦ କିଲୋମିଟର ଯିବା ପରେ କୋରାପୁଟ କୁ ଯାଇ ହେଉଛି । ଏହି ଅଂଚଳ ର ଗ୍ରାମବାସୀ ବହୁ ଅସୁବିଧାରେ ନଦୀ ଉପରେ ଦେଇ ଯାଇଥିବା ରେଲୱେ ଟ୍ରାକ କଡ଼ ଦେଇ ଯାତାୟତ କରୁଛନ୍ତି । ସୁକୁ ନଦୀ ଉପରେ ଗୋଟେ ପୋଲ ନିର୍ମାଣ କରିବା ପାଇଁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପୋଲ ନିର୍ମାଣ ଆରମ୍ଭ କରାଯାଇ ନାହିଁ । ଏହି ଅଂଚଳର ଲୋକ ମାନେ ଜୀବନକୁ ବାଜି ଲଗାଇ ରେଲୱେ କଡ଼ ଦେଇ ଯାତାୟତ କରୁଛନ୍ତି । ଅନେକ ସମୟରେ ରେଲୱେ ଟ୍ରାକ କଡ଼ ଦେଇ ଯାଉଥିବା ବେଳେ ଟ୍ରେନ ଧକ୍କା ରେ ଜୀବନ ମଧ ଯାଇଛି । ଏହି ଅଂଚଳ ର ମୁଖ୍ୟ ସମସ୍ୟା ହେଉଛି ସୁକୁ ନଦୀ ଉପରେ ଗୋଟେ ପୋଲ ନିର୍ମାଣ କରିବା ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥି ଙ୍କୁ ଅନୁରୋଧ କରିଥିଲେ । ଅଂଚଳରେ ଲାଗି ରହିଥିବା ସମସ୍ୟାକୁ ଦୂର କରିବା ପାଇଁ ବାରମ୍ବାର ଅଭିଯୋଗ କରୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି । ଏଥର ନିର୍ବାଚନ ରେ କଂଗ୍ରେସକୁ ଭୋଟ ଦେବୁ ସେ ଆମ ଦୁଃଖ ବୁଝିବ ବୋଲି ଗ୍ରାମବାସୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବାବୁଲା ବେନିଆ, ରମେଶ ବାଖ୍ୟା, ଜୟ ଦାସ ଖରା, ଧନୀ ଦାସ ଖିଲଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

ରବିବାର, ଏପ୍ରିଲ ୨୮, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ନୀଳଗିରି ବିଜେଡ଼ି ବ୍ଲକ ସଭାପତି ବିଜୟ ଲେଙ୍କାଙ୍କ ମାତୃ ବିୟୋଗ



ନୀଳଗିରି, ୨୭/୪ (ନି.ପ୍ର): ନୀଳଗିରିର ଯୁବ ସାମ୍ବାଦିକ ତଥା ବିଜେଡ଼ି ବ୍ଲକ୍ ସଭାପତି ବିଜୟ କୁମାର ଲେଙ୍କାଙ୍କ ମା ଭଗବତୀ ଲେଙ୍କା(୬୩)ଙ୍କ ଶନିବାର ଦିନ ୧୧ଟା ସମୟରେ ହୃଦଘାତରେ ପରଲୋକ ହୋଇଛି। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନୀଳଗିରି ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମର ଅବସରପ୍ରାପ୍ତ ବନଅଧିକାରୀ ଶ୍ରୀଧର ଲେଙ୍କାଙ୍କ ପତ୍ନୀ ଭଗବତୀ ଜଣେ ଅମାୟିକ, ଧର୍ମପରାୟଣ, ପରୋପକାରୀ ମହିଳା ଭାବରେ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କର ତିନିପୁଅ ଅମିୟ, ବିଜୟ, ଅଜୟଓ ତିନିବୋହୂ ଅଛନ୍ତି। ତାଙ୍କ ମରଶରୀର ଗାଁ ରେ ପହଞ୍ଚିବା ପରେ ପରିବାର ସମେତ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଥିଲା। ଖବର ପାଇ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ମରଶରୀର ନିକଟରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଯୁବନେତା ଉଦୟଜ୍ୟୋତି ମହାନ୍ତି, ଶରତ ଦାସ, ନୀଳଗିରି ବିଜେଡ଼ି ନଗର ସଭାପତି ରବୀନ୍ଦ୍ର ପରିଡା, ନୀଳଗିରି ନଗର ୭ନଂ ୱାର୍ଡ କାଉନସିଲର କମଳାମଣି ପରିଡା, ଯୁବନେତା ରମେଶ ବାଗ, ରବୀନ୍ଦ୍ର ପାତ୍ର,ବରିଷ୍ଠ ସାମ୍ବାଦିକ ବ୍ରଜକିଶୋର ପାଣି, ରାମଚନ୍ଦ୍ର ମହଲ, ଜଗନ୍ନାଥ ପାତ୍ର, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସମ୍ମାନ ଜଣାଇଥିଲେ।ସାନପୁଅ ଅଜୟ ମୁଖାଗ୍ନି ଦେଇଥିବା ବେଳେ ନାତି ନାତୁଣୀ ଓ ପରିବାର ବର୍ଗଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।

## ବେତଗଡ଼ିଆରେ ରାଜ୍ୟସ୍ତରୀୟ କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଲଙ୍ଗଳେଶ୍ୱର, ୨୭/୪ (ନି.ପ୍ର): ବାଲିଆପାଳ ବ୍ଲକ ବେତଗଡ଼ିଆ ପଞ୍ଚାୟତ ନାରାୟଣପୁର ପନ୍ତା ଗ୍ରାମରେ ସାର୍ବଜନୀନ ମା' ମନସା ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସ୍ତରୀୟ କବାଡି ଟୁର୍ଣ୍ଣାମେଣ୍ଟ ତିନି ଦିନ ଅନୁଷ୍ଠିତ ହୋଇଥିଲା । ଟୁର୍ଣ୍ଣାମେଣ୍ଟରେ ୱେଷ୍ଟବେଙ୍ଗଲ, ପୁରୀ, କଟକ, ଯାଜପୁର , ପିପିଲି, ବାଲେଶ୍ୱର ପ୍ରଭୃତି ୬ଟି ଦଳ ଅଂଶଗ୍ରହଣ କରିଥିଲେ । ପୁରୀ ଦଳକୁ ହରାଇ କଟକ ଦଳ ଚମ୍ପିଆନ ହୋଇଥିଲା । ଶୁକ୍ରବାର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ମା' ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଏବଂ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେତଗଡ଼ିଆ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଗିରି, ପ୍ରତାପପୁର ପଞ୍ଚାୟତର ସରପଞ୍ଚ କସ୍ତୁରୀବାଳା ପାତ୍ର ୨୪ ନମ୍ବର ଜୋନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ମିନତୀ ଜେନା, ୱାର୍ଡ଼ ସଦସ୍ୟ ଯଦୁ ନନ୍ଦନ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।ଖେଳକୁ ଖେଳଶିକ୍ଷକ ରାଜ୍ୟସ୍ତରୀୟ ରେଫ୍ରୀ ରଂଜନ କୁମାର ସାହୁ ,ଯାଜ୍ଞସିନୀ ପତି ,ଶୁଭବ୍ରତ ମିଶ୍ର ,ବିଦ୍ୟୁତ ପାଣିଗ୍ରାହୀ ଏବଂ ରାଜୀବ ଲୋଚନ ସାହୁ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟକୁ ନାରାୟଣପୁର ପନ୍ତା ସାର୍ବଜନୀନ ମା' ମନସା ପୂଜା କମିଟିର ବିକର୍ତ୍ତନ ରାଉତ,ମନୋଜ ଦାସ,ମୃତ୍ୟୁଞ୍ଜୟ ଦାସ,ସଞ୍ଜୟ ଦାସ,ରତିକାନ୍ତ ଜେନା ପ୍ରମୁଖ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।



## ଅଶୋଧିତ ତୈଳଦର ବ୍ୟାରେଲ ପିଛା ୯୦ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୨୭/୪ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୯୦ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୪ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମସ୍ୟା: ୬ ସପ୍ତାହ ମଧ୍ୟରେ ଜବାବ ଦେବାକୁ ପ୍ରତିପକ୍ଷଙ୍କୁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ




ବାଲିଆପାଳ , ୨୭/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ୟା ନେଇ ଓଡ଼ିଶା ହାଇ କୋର୍ଟ ଏବେ ଏକ ମାମଲାର ଶୁଣାଣି କରି ୬ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ କରିଛନ୍ତି । ଡବ୍ଲ୍ୟୁ. ପି .(ସି) ନଂ ୯୬୦୦ ମୂଳେ ଗଲା ୨୩ ତାରିଖ ଦିନ କୋର୍ଟ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏନେଇ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ସମସ୍ୟା ଗୁଡ଼ିକ ହେଉଛି ପୂର୍ବତନ ପରିଚାଳନା ସମିତିକୁ ତା ' ର ବେଆଇନ କାର୍ଯ୍ୟ ପାଇଁ ଓଡ଼ିଶା ଶିକ୍ଷା ବିକାଶ ସମିତି ଗତ ୨୩ ତରିକ ଦିନ ଭଙ୍ଗ କରି ଥିବା ବେଳେ ତାହାକୁ ସେମାନେ ବେଖାତିର କରି ଶିଶୁ ବିଦ୍ୟା ମନ୍ଦିରକୁ ନିଜ ଅକ୍ତିଆରରେ ରଖିଛନ୍ତି। କୌଣସି ଅନୁମତି ନ ନେଇ ବେଆଇନ ଭାବେ ଶିଶୁ ମନ୍ଦିରର ନାମ ଓ ପାଠ୍ୟ ଖସଡ଼ାକୁ ପରିବର୍ତ୍ତନ କରିଛନ୍ତି। ନୂଆ ପ୍ରଶାସନିକ କମିଟିକୁ କାର୍ଯ୍ୟ କରିବାକୁ ସୁଯୋଗ ନ ଦେବା। ଛାତ୍ର ଅଭିଭାବକଙ୍କୁ ଅନ୍ଧାରରେ ରଖି ବେଆଇନ ଭାବେ ଛାତ୍ର ଛାତ୍ରୀଙ୍କୁ ପ୍ରବେଶ ଓ ପୁନଃ ପ୍ରବେଶ କରାଇବା। ଶିକ୍ଷା ବିକାଶ ସମିତି ଦ୍ୱାରା ନିଯୁକ୍ତ ପ୍ରଧାନ ଆଚାର୍ଯ୍ୟଙ୍କ ନାମରେ ମିଥ୍ୟା ମୋକର୍ଦ୍ଦମା କରିବା । ପୂର୍ବରୁ ଏନେଇ ପ୍ରଶାସନିକ କମିଟି ଓ ଓଡ଼ିଶା ଶିକ୍ଷା ବିକାଶ ସମିତି ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ , ଜିଲ୍ଲା ଆରକ୍ଷୀ ଅଧିକ୍ଷକ , ବସ୍ତା ଏସ ଡି ପି ଓ, ବାଲିଆପାଳ ଥାନାଧିକାରୀ, ତହସିଲଦାର ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇ ଥିଲେ ବି କୌଣସି ସୁଫଳ ନ ମିଳିବାରୁ ପ୍ରଶାସନିକ କମିଟି କୋର୍ଟର ଦ୍ୱାରସ୍ଥ ହୋଇଥିଲେ । କୋଡ଼ିଏ ବର୍ଷର ଏହି ଅନୁଷ୍ଠାନକୁ ନିଜ ଦାଖଲରେ ରଖିବା ପାଇଁ ପୂର୍ବତନ ପରିଚାଳନା କମିଟି କିଛି ଅସାଧୁ ବ୍ୟକ୍ତିମାନଙ୍କ ସହାୟତାରେ କବଜା କରି ରଖିଥିଲେ ଓ ନୂଆ କମିଟିକୁ ପୂରାଇ ନ ଦେଇ ପ୍ରତିଦିନ ଗଣ୍ଡଗୋଳ କରୁଥିଲେ। ଏହାକୁ କେନ୍ଦ୍ର କରି ଏଠାରେ ବଡ ଧରଣର ଗଣ୍ଡ ଗୋଳ ହେବାର ସମ୍ଭାବନା ରହିଥିଲା। ପ୍ରଶାସନିକ କମିଟି ମୁଖ୍ୟ ଭାସ୍କର ଚନ୍ଦ୍ର ସାହୁ , ଅଦ୍ୱୈତ କୁମାର ବାଗ , ସୁଜାତା ରାଣୀ ଦାସ , ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ପ୍ରମୁଖ ନ୍ୟାୟ ପାଇଁ କୋର୍ଟଙ୍କ ସହାୟତା ନେଇଥିଲେ।କୋର୍ଟ ନିର୍ଦ୍ଦେଶ ପରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ କଣ ପଦକ୍ଷେପ ଗ୍ରହଣ କରିବେ ଏନେଇ ଛାତ୍ର ଅଭିଭାବକଙ୍କ ମଧ୍ୟ ରେ ଉତ୍ସୁକତା ପ୍ରକାଶ ପାଇଛି।

## ପାଲାମୁରେ ନକ୍ସଲି ସହିତ ଦୁଇଜଣ ଗିରଫ: ଅସ୍ତ୍ରଶସ୍ତ୍ର ଉଦ୍ଧାର

ପଲାମୁ, ୨୭/୪ (ନି.ପ୍ର): ନୀତିଶ ଯାଦବଙ୍କ ଉପରେ ୧୦ ଲକ୍ଷ ଟଙ୍କା ପୁରସ୍କାର ନେଇ ନିଷିଦ୍ଧ ନକ୍ସଲ ସଂଗଠନ ସିପିଆଇ ମାଓବାଦୀଙ୍କ ସଦସ୍ୟ ରାଜେନ୍ଦ୍ର ଭୂୟାଁଙ୍କୁ ଚାରିଟି ବନ୍ଧୁକ ସହ ଗିରଫ କରାଯାଇଛି । ରଜେନ୍ଦ୍ରଙ୍କ ସହ ବିଷ୍ଣୁ ବିଶ୍ୱକର୍ମାଙ୍କୁ ମଧ୍ୟ ଗିରଫ କରାଯାଇଛି । ବିଷ୍ଣୁ ଅସ୍ତ୍ରଶସ୍ତ୍ରର ମରାମତି କରୁଥିଲେ । ଅସ୍ତ୍ରଶସ୍ତ୍ରର ତିଆରି ପାଇଁ ଅନେକ ଜିନିଷ ତାଙ୍କ ଘରୁ ଉଦ୍ଧାର କରାଯାଇଛି । ରାଜେନ୍ଦ୍ର ହୁସେନାବାଦ ପୋଲିସ ଷ୍ଟେସନ ଅଂଚଳର ନାସେର ଜମାଲପୁରର ବାସିନ୍ଦା ହୋଇଥିବା ବେଳେ ବିଷ୍ଣୁ ଉକ୍ତ ପୋଲିସ ଷ୍ଟେସନ ଅଂଚଳର ଜିତାମାଟି ସଲାଇୟା ଟିକରର ବାସିନ୍ଦା । ଏସପି ରେଷମା ରମେସନ ଶନିବାର କହିଛନ୍ତି ଯେ, ରାଜେନ୍ଦ୍ର ଭୂୟାଁ ଦୁଇ ବର୍ଷ ଧରି ମାଓବାଦୀ ନୀତିଶ ଯାଦବଙ୍କ ଦଳର ଏକ ଅଂଶ ଥିଲେ । ବର୍ତ୍ତମାନ ସେ ନିଜର ପରିଚୟ ଲୁଚାଇ ଅନ୍ୟ କେଉଁଠାରେ ରହୁଥିଲେ। ସେ ଘରକୁ ଆସିଥିଲେ । ଏହି ସମୟରେ ଗୁପ୍ତ ସୂନା ଉପରେ ହୁସେନାବାଦର ଡିଏସପି ମୁକେଶ କୁମାର ମହାତୋ ଏବଂ ସିଆରପିଏଫ ୧୧୨ ତମ ବାଟାଲିୟନ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।

## ସାଧାରଣ ନିର୍ବାଚନ - ୨୦୨୪: ପ୍ରାର୍ଥୀପତ୍ର ଦାଖଲ ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ସୂଚନା ଜାରି

ଭଦ୍ରକ, ୨୭/୪ (ନି.ପ୍ର): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ଜୁନ୍ ୧ ତାରିଖରେ ଭଦ୍ରକ ଜିଲ୍ଲାପାଇଁ ମତଦାନ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରତିଦ୍ୱନ୍ଦିତା କରିବାକୁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ ପାଇଁ ଦିନ, ସମୟ, ତଥା ଆବଶ୍ୟକ ଫର୍ମ, କାଗଜାଦି ସମ୍ବନ୍ଧରେ ସେମାନଙ୍କ ଅବଗତି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଆସନ୍ତା ମଇ ୦୭.୦୫.୨୦୨୪ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇ ମଇ ୧୪.୦୫.୨୦୨୪ ତାରିଖରେ ଶେଷ ହେବ। ସମସ୍ତ ସରକାରୀ ଛୁଟି ଦିବସ ବ୍ୟତୀତ ଉକ୍ତ ଅବଧି ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଗ୍ରହଣ କରାଯିବ। ୧୫.୫.୨୦୨୪ ରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୭.୦୫.୨୦୨୪ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ରଖାଯାଇଛି। ଜୁନ୍ ୪ ତାରିଖ ଦିନ ଭୋଟ ଗଣତି ଓ ଜୁନ୍ ୬ ତାରିଖ ଗୁରୁବାର ସୁଦ୍ଧା ନିର୍ବାଚନର ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାର୍ଥୀପତ୍ର ଦାଖଲ ପାଇଁ ଆବଶ୍ୟକ ବିଭିନ୍ନ ଡକ୍ୟୁମେଣ୍ଟ ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। ନିର୍ବାଚନ ମଣ୍ଡଳୀର ନାମ, ପ୍ରାର୍ଥୀଙ୍କ ନାମ, ପ୍ରାର୍ଥୀପତ୍ର ଦାଖଲର ତାରିଖ ଓ ସମୟ, ନୋମିନେସନ ପେପରର କ୍ରମାଙ୍କ ନମ୍ବର ଆଦି ପୂରଣ କରିବାକୁ ହେବ। ଫର୍ମ ୨୬ ରେ ସତ୍ୟପାଠ କରାଯାଇ ତାର ସମସ୍ତ ସ୍ତମ୍ଭ ପୂରଣ କରାଯାଇଛି କି ନାହିଁ ଯଦି କରାଯାଇ ନାହିଁ କେଉଁ ଗୁଡ଼ିକ ଶୂନ୍ୟ ରହିଛି ଦର୍ଶାଯିବ। ୧ମ ଶ୍ରେଣୀ ମାଜିଷ୍ଟ୍ରେଟ୍, ନୋଟାରୀ ପବ୍ଲିକ୍ ବା ଓଥ୍ କମିଶନରଙ୍କ ନିକଟରେ ସତ୍ୟପାଠ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ଭିନ୍ନ ନିର୍ବାଚନ ମଣ୍ଡଳୀର ଭୋଟର ହୋଇଥିଲେ ଭୋଟର ତାଲିକାର ପ୍ରମାଣିକୃତ ପ୍ରାର୍ଥୀପତ୍ର ସହ ଦାଖଲ କରିବାକୁ ହେବ। ପ୍ରାର୍ଥୀ ଅନୁସୂଚୀତ ଜାତି ଏବଂ ଅନୁସୂଚୀତ ଜନଜାତିର ହୋଇଥିଲେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାପ୍ତ ଜାତିଗତ ପ୍ରମାଣ ପତ୍ର ଦେବାକୁ ପଡ଼ିବ। ଅମାନତ ଜମା, ଶପଥ ପାଠ ମଧ୍ୟ ପ୍ରାର୍ଥୀପତ୍ର ସହ ପ୍ରଦାନ କରାଯିବ। ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ ସମୟରେ ଲୋକସଭା ଆସନ ପାଇଁ ଫର୍ମ ୨ (ଏ) ଏବଂ ବିଧାନସଭା ଆସନ ପାଇଁ ଫର୍ମ ୨ (ବି) ରେ ଆବେଦନ କରିପାରିବେ। ନାମାଙ୍କନପତ୍ର ଦାଖଲ କରିବାର ଅନ୍ୟୁନ ଏକଦିନ ପୂର୍ବରୁ ବ୍ୟାଙ୍କରେ ଥିବା ଅଲଗା ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଆବଶ୍ୟକ ଅଟେ। କୌଣସି ସରକାରୀ ଗୃହ ଅଧିଗ୍ରହଣ କରିଥିଲେ କୌଣସି ବକେୟା ନଥିବା ପ୍ରମାଣପତ୍ର ପ୍ରଦାନ କରିବେ। ଯଦି କୌଣସି ରାଜନୈତିକ ଦଳ (ଜାତୀୟ / ରାଜ୍ୟ) ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଏ ତେବେ ସଂପୃକ୍ତ ନିର୍ବାଚନ ମଣ୍ଡଳୀରେ ଜଣେ ଭୋଟର ପ୍ରସ୍ତାବକ ରହିବେ। ସେହିପରି ପଞ୍ଜିକୃତ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ପାଇଁ ୧୦ଜଣ ଭୋଟର ପ୍ରସ୍ତାବକ ଥିବା ସମସ୍ତ କାଗଜାତ୍ ଦାଖଲ କରିବେ ବୋଲି ଜଣାଯାଇଛି।

## ଗୃହପାଳିତ ପଶୁଙ୍କ ପାଇଁ ସ୍ୱାସ୍ଥ୍ୟବୀମା ପ୍ରଚଳନ କରାଯାଉ

ଭୁବନେଶ୍ୱର, ୨୭/୪ (ନି.ପ୍ର): ବିଶ୍ୱ ପ୍ରାଣୀ ଚିକିତ୍ସକ ଦିବସ ଅବସରରେ ରାଜ୍ୟର ୯୯ଲକ୍ଷ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ବି.ଏସ୍.କେ.ୱାଇ. ଭଳି ଏକ ନୂଆ ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଚଳନ ଦାବି କରି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ସଚିବଙ୍କୁ ଆଜି ଏକ ପତ୍ର ଲେଖାଯାଇଛି । ଏହାବ୍ୟତୀତ ରାଜ୍ୟରେ ଏକ ପ୍ରାଣୀ ଚିକିତ୍ସା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦୨୧ ମସିହାରେ ରାଜ୍ୟ ସରକାର ଯେଉଁ ମଞ୍ଜୁରୀ ପ୍ରଦାନ କରିଥିଲେ ତାହାକୁ ଅବିଳମ୍ବେ କାର୍ଯ୍ୟକାରୀ କରିବା, ଖାଲିପଡ଼ିଥିବା ପ୍ରାଣୀ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀ ପଦବୀରେ ତୁରନ୍ତ ନିଯୁକ୍ତି ଦେବାକୁ ମଧ୍ୟ ଏହି ପତ୍ରରେ ଦାବି କରାଯାଇଛି । ସଂଗଠନର ରାଜ୍ୟ ଅଧକ୍ଷ ରବି ବେହେରାଙ୍କ ଦ୍ୱାରା ଲିଖିତ ଏହି ପତ୍ରରେ କୁହାଯାଇଛି ଯେ, ଓଡ଼ିଶାର ଗ୍ରାମ୍ୟ ଅର୍ଥନୀତି ପ୍ରାଣୀ ସମ୍ପଦର ବିକାଶ ଉପରେ ନିର୍ଭରଶୀଳ । ରାଜ୍ୟରେ ଦୈନିକ ୬୫ଲକ୍ଷ ଲିଟର କ୍ଷୀର ଉତ୍ପାଦନ ହେଉଥିଲା ବେଳେ କ୍ଷୀର ଲିଟର ପିଛା ରାଜ୍ୟ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି.) ଧାର୍ଯ୍ୟ ନ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧଚାଷୀ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଜୀବନ ଜୀବିକାକୁ ଆଖି ଆଗରେ ରଖି ରାଜ୍ୟ ସରକାର ତୁରନ୍ତ ଉପରୋକ୍ତ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

## ସନ୍ଦେଶଖାଲିରେ ସିବିଆଇ ପୁଣି କରିଛି ଚଢାଉ

କୋଲକାତା, ୨୭/୪ (ନି.ପ୍ର): ସେଂଟ୍ରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ସିବିଆଇ) ପୁଣିଥରେ ସନ୍ଦେଶଖାଲି ଉପରେ ଚଢାଉ କରିଛି। ଏଥର ମଧ୍ୟ ଗିରଫ ହୋଇଥିବା ଶାହାଜହାଂ ଶେଖଙ୍କ ଘନିଷ୍ଠ ସମ୍ପର୍କୀୟଙ୍କ ଘର ଏବଂ ଦୋକାନର ଯାଂଚ ପାଇଁ କେନ୍ଦ୍ରୀୟ ଅନୁସନ୍ଧାନ ଏଜେନ୍ସିର ଅଧିକାରୀମାନେ ପହଂଚିଥିଲେ। ସୂଚନାନୁସାରେ, ଶନିବାର ସକାଳେ କେତେକ ସିବିଆଇ ଅଧିକାରୀ ସାନ୍ଦେଶଖାଲିର ରାଜବାଡୀ ଅଂଚଳକୁ ଯାଇଥିଲେ। ସୁରକ୍ଷା ପାଇଁ କେନ୍ଦ୍ରୀୟ ବାହିନୀ ତାଙ୍କ ସହ ଥିଲେ। ତୁଫାନ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରାଯାଇଥିଲା। ସର୍ବପ୍ରଥମେ ଅଧିକାରୀମାନେ ତାଙ୍କ ଦୋକାନକୁ ଯାଇଥିଲେ। ସେଠାରୁ ଅନୁସନ୍ଧାନକାରୀ ମାନେ ତୁଫାନଙ୍କ ଘରକୁ ଯାଇଥିଲେ। ସିବିଆଇ ଅଧିକାରୀମାନେ ତାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିଲେ। ତୁଫାନଙ୍କ ପରିବାର ସଦସ୍ୟ କହିଥିଲେ ଯେ ସେ ସକାଳେ କାମ ପାଇଁ ବାହାରକୁ ଯାଇଥିଲେ। ତେବେ ଗତ ତିନି-ଚାରି ଦିନ ଧରି ଦୋକାନ ବନ୍ଦ ଥିବା ଦେଖିଛନ୍ତି ବୋଲି ଅଂଚଳର ଲୋକମାନେ କହିଛନ୍ତି।

## ଦୁର୍ଗାପୁରରେ ହେଲିକପ୍ଟର ବସିବା ବେଳେ ଖସିପଡିଲେ ମମତା

କୋଲକାତା, ୨୭/୪ : ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣି ଥରେ ଆହତ ହୋଇଛନ୍ତି। ଦୁର୍ଗାପୁରରେ ନିର୍ବାଚନ ପ୍ରଚାର କରିବାକୁ ଯାଉଥିବାବେଳେ ସେ ହେଲିକପ୍ଟରରେ ଚଢୁଥିବା ସମୟରେ ତଳେ ପଡ଼ିଯାଇଥିଲେ। ତେବେ ସେ ସାମାନ୍ୟ ଆଘାତ ପାଇଥିଲେ ଏବଂ ଘଟଣା ପରେ ସେ ହେଲିକପ୍ଟରରେ ସଭା ସ୍ଥଳକୁ ଯାଇ ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରିଥିଲେ। ନିର୍ବାଚନ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର ଦୁର୍ଗାପୁରରେ ପହଂଚିଥିଲେ ଯେଉଁଠାରେ ହେଲିକପ୍ଟରରେ ଚଢିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ତରଣମୂଳ କଂଗ୍ରେସ ସୁପ୍ରିମୋ ମମତା ହେଲିକପ୍ଟର ଭିତରେ ଖସିପଡିଥିବା ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ହେଲିକପ୍ଟରଟି ମମତାଙ୍କୁ ଦୁର୍ଗାପୁରରୁ ଆସାନସୋଲକୁ ଯିବାକୁ ଅପେକ୍ଷା କରିଥିଲା। ଉପରକୁ ଚଢିବା ପାଇଁ ବାହାରେ ସିଡ଼ି ଲଗାଯାଇଥିଲା । ମମତା ପାହାଚରେ ଚଢି ହେଲିକପ୍ଟରରେ ଭିତରକୁ ଯାଉଥିଲେ, କିନ୍ତୁ ତାଙ୍କ ପାଦ ହେଲିକପ୍ଟରର ଫାଟକ ଉପରେ ଖସିପଡିବାରୁ ସେ ଭିତରେ ପଡ଼ିଯାଇଥିଲା।

## କଂଗ୍ରେସ ଆଦିବାସୀ ବିରୋଧୀ ପାର୍ଟି: ଅମିତ ଶାହ

ଭରୁଚ, ୨୭/୪ (ନି.ପ୍ର): ଗୁଜରାଟର ଗସ୍ତରେ କେନ୍ଦ୍ରମନ୍ତ୍ରୀ ଏବଂ ବିଜେପିର ବରିଷ୍ଠ ନେତା ଅମିତ ଶାହ ଶନିବାର ଦ୍ୱିତୀୟ ଜନସଭା ଭରୁଚର ଖଡୋଲୀରେ କରିଛନ୍ତି। ଏଠାରେ ସେ କଂଗ୍ରେସକୁ ଆଦିବାସୀ ବିରୋଧୀ ପାର୍ଟି ବୋଲି କହିଛନ୍ତି। ୟୁନିଫର୍ମ ସିଭିଲ୍ କୋଡ଼(ୟୁସିସି)ର ସମ୍ବନ୍ଧରେ ସେ କହିଛନ୍ତି ଯେ ଏହା ଆଦିବାସୀ ଭାଇଙ୍କ ପାଇଁ ପ୍ରଥମେ ହୋଇଥିବା ଆଇନ୍ ଉପରେ ଲାଗୁ ହେବନାହିଁ। ଭରୁଚରୁ ଭାଜପା ପ୍ରାର୍ଥୀ ମନସୁଖ ବସାୱାଙ୍କୁ ଜିତାଇବା ପାଇଁ ଅପିଲ କରି ସେ ଜନସାଧାରଣଙ୍କୁ କହିଛନ୍ତି ଯେ ଯଦି ସେମାନେ ଗଡ଼ବଡ଼ କରନ୍ତି ତେବେ ଅର୍ବନ ନକ୍ସଲି ଆଦିବାସୀ କ୍ଷେତ୍ରକୁ ନଷ୍ଟଭ୍ରଷ୍ଟ କରିଦେବେ। ଭରୁଚର ଖଡୋଲିରେ ଅମିତ ଶାହ କହିଛନ୍ତି ଯେ କଂଗ୍ରେସ ପାର୍ଟି ବାରମ୍ବାର ମୁସ୍‌ଲିମମାନଙ୍କୁ ଆରକ୍ଷଣ ଦେଇ ଏସ୍‌ସି, ଏସ୍‌ଟି, ଓବିସିର ଅଧିକାର ଛଡ଼ାଇବା କଥା କହେ। ଆମେ ନିଜ ଘୋଷଣାପତ୍ରରେ କହିଛୁ ଯେ କୌଣସି ଆରକ୍ଷଣ ଧର୍ମ ଆଧାରିତ ହୋଇପାରିବ ନାହିଁ।

## ସୁରକ୍ଷା, ଅଖଣ୍ଡତା ସହିତ ଦେଶ ଗଠନର ଅଭୁତ ପୂର୍ବ ସଫଳତା ଏନ୍‌ସିସି ଦ୍ୱାରା ସମ୍ଭବ ହୋଇପାରିଛି : ପ୍ରମୋଦ କୁମାର ରାଉତ



ଉଦଳା, ୨୭/୪ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଆଜି ଏପ୍ରିଲ ୨୭ ତାରିଖ ଶନିବାର ଦିନ ଜାତୀୟ ସମର ଶିକ୍ଷାର୍ଥି ବାହିନି (ଏନ୍‌ସିସି) ୟୁନିଟଙ୍କ ତରଫରୁ ସିନିୟର ଏନ୍‌ସିସି କ୍ୟାଡ଼େଟ ମାନଙ୍କର ବିଦାୟ ସମ୍ବର୍ଦ୍ଧନା ସହିତ କୃତି କ୍ୟାଡ଼େଟ ମାନଙ୍କୁ ର୍‍ୟାଙ୍କ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଦେଶର ସୁରକ୍ଷା, ଅଖଣ୍ଡତା ସହିତ ଦେଶ ଗଠନର ଅଭୁତ ପୂର୍ବ ସଫଳତା କିପରି ସମର ଶିକ୍ଷାର୍ଥି ବାହିନି (ଏନ୍‌ସିସି) ଦ୍ୱାରା ସମ୍ଭବ ହୋଇ ପାରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏନ୍‌ସିସି ଅଫିସର ଲେଫ୍ଟନାଂଟ ଅଧ୍ୟାପକ ଅରୁଣ କୁମାର ସାହୁ, ବିଗତ କରୋନା ମହାମାରୀ ସମୟରେ ବନ୍ଦେ ଭାରତ ମିଶନ ଯୋଗେ ୨.୯୭ କୋଟି ଲୋକଙ୍କୁ ଦେଶକୁ ଫେରାଇ ଆଣିବା କ୍ଷେତ୍ରରେ ଏନ୍‌ସିସି କିପରି ଗୁରୁ ଦାୟିତ୍ୱ ତୁଲାଇଥିଲା ବକ୍ତବ୍ୟ ମାଧମରେ କହିଥିଲେ । ଏହାପରେ ୭ ଜଣ କ୍ୟାଡ଼େଟଙ୍କୁ ସେମାନଙ୍କର ଯୋଗ୍ୟତା ଅନୁସାରେ ର୍‍ୟାଙ୍କ ପ୍ରଦାନ କରାଯାଇଥିଲା । ୨ ଜଣଙ୍କୁ ସିନିୟର ଅଣ୍ଡର ଅଫିସର , ୨ ଜଣ ଜୁନିୟର ଅଣ୍ଡର ଅଫିସର, ୨ ଜଣ ସର୍ଜେଂଟ, ଓ ୧ ଜଣଙ୍କୁ କମ୍ପାନି ସର୍ଜେଂଟ ର୍‍ୟାଙ୍କ ପ୍ରଦାନ କରାଯାଇଥିଲା । ଶେଷରେ ଏନ୍‌ସିସି ସଂଗୀତ ପରିବେଷଣ ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

## ନବ ଭାରତ ନିର୍ମାଣ ସେବା ପାର୍ଟି ତରଫରୁ କର୍ମୀ ବୈଠକ




ବାଲିଆପାଳ , ୨୭/୪ (ନି.ପ୍ର): ବାଲିଆପାଳ ବ୍ଲକର ଦେଭୋଗ ପଂଚାୟତର ଡୁମି ଚକ ଗ୍ରାମରେ ନବ ଭାରତ ନିର୍ମାଣ ସେବା ପାର୍ଟି ତରଫରୁ ଆସନ୍ତା ନ୍ର୍ବାଚନ ପାଇଁ କର୍ମୀ ବୈଠକ ହୋଇ ଯାଇଛି ।ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ସଦାଶିବ ସେଠି ପୌରୋହିତ୍ୟ କରିଥିଲେ ଓ ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ସୂର୍ଯ୍ୟ କାନ୍ତ ଦାସ ମହାପାତ୍ର ଗ୍ୟାସ ସିଲିଣ୍ଡର ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ ।ଏଥିରେ ଶହ ଶହ ମହିଳା ଓ ଡୁମି ଚକ ଗ୍ରାମ ବାସୀ ଯୋଗ ଦେଇଥିଲେ ।

## ରାତିରେ ଚାଲିଛି ଲକ୍ଷାଧିକ ଟଙ୍କାର ମାଟି, ମୋରମ ଲୁଟ

### ସବୁ ଜାଣି ପ୍ରଶାସନ: ପୋଲିସ ଚୁପ, ଏସପିଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ

ବସ୍ତା, ୨୭/୪ (ନି.ପ୍ର): ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ କେନ୍ଦୁଡାଙ୍ଗିରି, ଜାମୁନିଆ ମୌଜାରୁ ବେଧଡ଼କ ଭାବେ ମାଟି, ମୋରମ ଲୁଟ ହେଉଥିବା ଅଭିଯୋଗ ହୋଇଛି । ଏ ନେଇ ଗ୍ରାମବାସୀ ବାରମ୍ବାର ପୋଲିସବିଭାଗ ଓ ପ୍ରଶାସନ ନିକଟରେ ଜଣାଇ ଆସୁଥିଲେହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଉତ୍ତେଜନା ଦେଖାଦେଇଛି । ଗତ ୧୬ତାରିଖରୁ ୧୨ ଦିନ ଧରି ମାଟି, ମୋରମ ବ୍ୟବସାୟୀ ମାନେ ପ୍ରତି ରାତିରେ କେନ୍ଦୁଡାଙ୍ଗିରି ଗ୍ରାମର ଗୁଡ଼ିପୋଖରୀରୁ ଜେସିବି ମେସିନ ସାହାଯ୍ୟରେ ମାଟି, ମୋରମ ଖୋଳି ଶହ ଶହ ଡ଼ମ୍ଫର ଓ ଟ୍ରାକ୍ଟର ଯୋଗେ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି । ଏପରିକି ରୂପସା ଉତ୍ତର କେବିନ ରେଳ ଫାଟକ ବନ୍ଦ ସମୟରେ ଏହି ମୋରମ ବୋଝେଇ ଟ୍ରାକ୍ଟର ଓ ଡ଼ମ୍ଫର ଲମ୍ବା ଲାଇନରେ ଛିଡା ହେଉଥିବାରୁ ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି । ପ୍ରଶାସନର ଦୃଷ୍ଟି ଆଢୁଆଳରେ ସରକାରଙ୍କ ରାଜସ୍ୱ ଲୁଟ ହେଉଥିଲେହେଁ ପୋଲିସ ଓ ରାଜସ୍ୱ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଚର୍ଚ୍ଚା ହେଉଛି । ମୋରମ ବ୍ୟବସାୟୀ ସହ ପୋଲିସ,ତହସିଲଦାରଙ୍କ ସଲାସୁତୁରା ଓ ବ୍ୟାପକ ଅର୍ଥ କାରବାର ଯୋଗୁଁ ନିୟମିତ ରାତିରେ ବେଆଇନ ଭାବେ ଲକ୍ଷାଧିକ ଟଙ୍କାର ମାଟି, ମୋରମ ଲୁଟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ୭ ମାସ ପୂର୍ବରୁ ଏଠାରେ ହେଉଥିବା ବେଆଇନ ମୋରମ ଚାଲାଣ ସମ୍ପର୍କରେ ଏସପି ସାଗରିକା ନାଥଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ତୁରନ୍ତ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଜନସାଧାରଣ ଚେତାବନୀ ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo